ପିନ୍ ପଏଣ୍ଟ

## ରାଜନୀତି ବନାମ ଜନସେବା

ଜନସଂଖ୍ୟା ବୃଦ୍ଧି ସହ ସାଂସଦ ସଂଖ୍ୟା ବଢ଼ାଇବା ଏକ ରାଜନୈତିକ ନିଷ୍ପତ୍ତି ମାତ୍ର । କିନ୍ତୁ ପ୍ରଶ୍ନ ଉଠୁଛି, କାହିଁକି ସେହି ଅନୁପାତରେ ମୌଳିକ ସୁବିଧା ବଢୁନି ? ଆମକୁ କେବଳ ରାଜନୈତିକ ଚେହେରା ଅପେକ୍ଷା ଉନ୍ନତ ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା ଅଧିକ ଦରକାର । ସରକାରୀ ନୀତିରେ ଯୋଜନାବଦ୍ଧ ବିକାଶର ଅଭାବ ଏବଂ ପ୍ରାଥମିକତାର ଭୁଲ ଚୟନ ଏହାର ମୁଖ୍ୟ କାରଣ । ଜନପ୍ରତିନିଧି ବଢ଼ିବା ସହ ସାଧାରଣ ଲୋକଙ୍କ ପାଇଁ ସ୍କୁଲ, ହସ୍ପିଟାଲ ଓ ଡାକ୍ତରୀ ସେବା ବଢ଼ିବା ନିହାତି ଜରୁରୀ ।

# ପିନ୍ ବାର୍ତ୍ତା

ସାପ୍ତାହିକ ଓଡ଼ିଆ ଖବରକାଗଜ
Weekly Odia Newspaper
PRGI Reg. No. : ORORI/25/A5434
ଆପଣଙ୍କ ମତାମତ ଓ ସହଯୋଗ ଅପେକ୍ଷାରେ

ପିନ୍ ବାର୍ତ୍ତା | ଶାଣିତ ସ୍ୱର, ନିଷ୍ପତ୍ତି ଦୃଢ଼ | PIN BARTA

ପ୍ରଥମ ବର୍ଷ | Vol. 1 | ସଂଖ୍ୟା-୧୧ | Issue-11 | ୨୫ ଏପ୍ରିଲ-୧ ମେ, ୨୦୨୬ | 25th April-01 May, 2026 | ୮ ପୃଷ୍ଠା | 8 Pages | ମୂଲ୍ୟ: ୫ଟଙ୍କା | Price : Rs. 5.00


# ଆଦିବାସୀଙ୍କ ଲଢ଼େଇ-ବାଲଡାରୁ ସିଜିମାଳି

**ପିନ୍ ବାର୍ତ୍ତା:** ବାଲଡାରୁ ସିଜିମାଳି ପର୍ଯ୍ୟନ୍ତ ଆଦିବାସୀଙ୍କ ଲଢେଇ ଜାରି ରହିଛି । କୌଣସି ପରିସ୍ଥିତିରେ ବି ସେମାନେ ହାର ମାନି ନାହାନ୍ତି, ଦମ୍ଭର ସହ ସରକାର ଓ କମ୍ପାନୀ ବିରୁଦ୍ଧରେ ଛିଡା ହୋଇଛନ୍ତି । କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ଅନ୍ତର୍ଗତ ବାଲଡା ପର୍ବତରେ ରାଜ୍ୟ ସରକାରଙ୍କ ପ୍ରସ୍ତାବିତ ଖଣି ଖନନକୁ ତୀବ୍ର ବିରୋଧ କରିବା ଅଦାନୀ ବିରୁଦ୍ଧରେ ମଧ୍ୟ ଲଢେଇ ଜାରି ରଖିଛନ୍ତି । ସେହିପରି ରାୟଗଡ଼ା ଜିଲ୍ଲା ସିଜିମାଳିରେ ଆଦିବାସୀଙ୍କ ଉପରେ ବେଦାନ୍ତ ଓ ମୈତ୍ରୀ କମ୍ପାନୀ ଅତ୍ୟାଚାର ସେମାନେ କଡ଼ା ବିରୋଧ କରିଛନ୍ତି । ଆଦିବାସୀଙ୍କ ପରିଚୟ, ସେମାନଙ୍କ ଜୀବନଜୀବିକା ପ୍ରଭାବିତ ହେବାକୁ ଥିବା ବେଳେ ଜଙ୍ଗଲ ଜମି କାହାକୁ ବି ଅକ୍ତିଆର କରିବାକୁ ଦେବେ ନାହିଁ ବୋଲି ଅଡ଼ି ବସିଛନ୍ତି । ସେହିପରି କୋରାପୁଟ ଜିଲ୍ଲା ସେରୁବନ୍ଧ ପାହାଡ଼ରେ ମଧ୍ୟ ଆଦିବାସୀମାନେ ଜୋରଦାର ବିରୋଧ କରୁଛନ୍ତି ।





କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ଅନ୍ତର୍ଗତ ବାଲଡା ପର୍ବତରେ ରାଜ୍ୟ ସରକାରଙ୍କ ପ୍ରସ୍ତାବିତ ଖଣି ଖନନକୁ ଗତ କିଛି ମାସ ହେଲାଣି ବାଲଡା, କୁଲାବିର, ଭେଜା, ବାଡେଲ ଓ ଅତଣ୍ଡା ଆଦି ୧୨ ଗୋଟି ପଞ୍ଚାୟତବାସୀ ବିରୋଧ କରିଆସୁଛନ୍ତି । ଏହି ପଞ୍ଚାୟତବାସୀଙ୍କ ପ୍ରତିନିଧିତ୍ୱ କରୁଥିବା ନାଗେଶ୍ୱରୀ ବନ ସୁରକ୍ଷା ସମିତି ପକ୍ଷରୁ କୋରାପୁଟ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଆନ୍ଦୋଳନକାରୀ ସ୍ଥାନୀୟ ବାସିନ୍ଦାଙ୍କ କହିବାନୁଯାୟୀ, ଏହି ପାହାଡ଼ ଉପରେ ଆଖପାଖର ୮ଟି ପଞ୍ଚାୟତବାସୀ ନିର୍ଭରଶୀଳ । ସେମାନେ ପାହାଡ଼ ଉପରେ ଅଧିଷ୍ଠିତ ମା' ନାଗେଶ୍ୱରୀ ଠାକୁରାଣୀଙ୍କୁ ପୂଜାର୍ଚ୍ଚନା କରିଆସୁଛନ୍ତି । ପାହାଡ଼ ମଧ୍ୟରୁ କନ୍ଦା, ଫୁଲ, ଫଳମୂଳ ପ୍ରଭୃତି ସଂଗ୍ରହ କରି ସ୍ଥାନୀୟ ଲୋକେ ଜୀବନଜୀବିକା ନିର୍ବାହ କରୁଥିବା ବେଳେ କିଛି ଲୋକେ ତଳ ମୁଣ୍ଡରେ ଚାଷବାସ କରି ପରିବାର ଚଳାଉଛନ୍ତି । ତେବେ ସରକାର ଅଦାନୀକୁ ଅହେତୁକ ଅନୁକମ୍ପା ଦେଖାଇ ଖଣି ଖନନକୁ କାହିଁକି ଅନୁମତି ଦେଉଛନ୍ତି ବୋଲି ସ୍ଥାନୀୟ ଲୋକେ ପ୍ରଶ୍ନ କରିଛନ୍ତି ।










ଅନ୍ୟପକ୍ଷରେ ବାଲଡା ପାହାଡ଼ ଉପରେ ଥିବା ନାଗେଶ୍ୱରୀ ଗୁମ୍ଫାରେ ପ୍ରତିବର୍ଷ ଧୁମଧାମରେ ପାଳନ ହେଉଥିବା ନାଗେଶ୍ୱରୀ ଯାତ୍ରାକୁ ମଧ୍ୟ ଏବର୍ଷ ବନ୍ଦ କରିବାକୁ ଅଦାନୀ ଜୋରସୋରରେ ପ୍ରୟାସ କରିଥିଲେ । କିନ୍ତୁ ଆଦିବାସୀମାନେ ବର୍ଷ ବର୍ଷ ଧରି ଚାଲିଆସିଥିବା ସେମାନଙ୍କ ପରମ୍ପରା ଭାଙ୍ଗିବାକୁ ଦେଇନଥିଲେ । ସେମାନେ ରୀତିନୀତି ଅନୁଯାୟୀ ନାଗେଶ୍ୱରୀଙ୍କ ପୂଜା କରିବା ସହ ଯାତ୍ରା ମଧ୍ୟ କରିଥିଲେ । ଏପରିକି କମ୍ପାନୀ କଥାରେ ଜୟପୁର ରାଜା ମଧ୍ୟ ଯାତ୍ରାକୁ ଆସିପାରିବେ ନାହିଁ ମନା କରିଥିଲେ । ପରେ ଏଥିପାଇଁ ରାଜା ଅଞ୍ଚଳବାସୀଙ୍କୁ କ୍ଷମା ମଧ୍ୟ ମାଗିଥିଲେ ।

ସେହିପରି କିଛିଦିନ ତଳେ ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ ସିଜିମାଳି ବକ୍ସାଇଟ ଖଣିକୁ ବେଦାନ୍ତ ପକ୍ଷରୁ ରାସ୍ତା ନିର୍ମାଣ ଉଦ୍ୟମ ଆରମ୍ଭ ହୋଇଥିବା ବେଳେ ସ୍ଥାନୀୟ ଗ୍ରାମବାସୀ କମ୍ପାନୀର ଏଭଳି କାର୍ଯ୍ୟକୁ ବିରୋଧ କରିଥିଲେ । ବେଦାନ୍ତ କମ୍ପାନୀ ଓ ପ୍ରଶାସନ ସିଜିମାଳି ଖଣିକୁ ରାସ୍ତା କରିବା ପାଇଁ ପଦକ୍ଷେପ ନେଉଥିବାରୁ ଲୋକେ ଭିଟାମାଟି ହରାଇବା ଭୟରେ ବିରୋଧ ଆରମ୍ଭ କରିଥିଲେ । ତେବେ ଉପଜିଲ୍ଲାପାଳ ଉକ୍ତ ଅଞ୍ଚଳରେ ବିଏନ୍ଏସ୍ଏସ ଧାରା ୧୬୩ ଲାଗୁ କରିଥିଲେ । ରାୟଗଡ଼ା ଜିଲ୍ଲାପାଳ ମଧ୍ୟ ଅଞ୍ଚଳବାସୀଙ୍କ ସହିତ ଆଲୋଚନା କରିବା ପରିବର୍ତ୍ତେ ସେମାନଙ୍କୁ ପଛା ମାଗିବା ଅତି ଦୁଃଖଦ ଘଟଣା ବୋଲି ସେମାନେ କହିଛନ୍ତି ।

ତଥାପି ଜୀବନକୁ ବାଜି ଲଗାଇ ନିଜ ଜମି ପାଇଁ ସିଜିମାଳି ପାହାଡ଼ର ସୁରକ୍ଷାରେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧନୁତୀର, ଟାଙ୍ଗିଆ ଓ ଠେଙ୍ଗା ଆଦି ଧରି ରାସ୍ତା ନ କରାଇଦେବା ଲାଗି ୨୪ ଘଣ୍ଟା ଜଗି ବସିଛନ୍ତି । ଶାଗବାରି, କଣ୍ଟାମାଳ, ସରାମବାଇ, ବନ୍ତେଜି ସମେତ ପ୍ରାୟ ୮ରୁ ଊର୍ଦ୍ଧ୍ୱ ଗାଁର ଲୋକେ ଏଥିରେ ସାମିଲ ହୋଇଛନ୍ତି । ନିଜ ଜମିର ସୁରକ୍ଷା ପାଇଁ ଦେହରେ ଗୁଳି ଖାଇବୁ ହେଲେ ଜମି କମ୍ପାନୀକୁ ଦେବୁନାହିଁ ବୋଲି ଗ୍ରାମବାସୀ କହିଛନ୍ତି । ମିଥ୍ୟା ଆଶ୍ୱାସନା ଦେଖାଇ ଏଭଳି ଖଣି ଖନନ କରିବାକୁ ଆସିଲେ ଅଞ୍ଚଳବାସୀ ବିରୋଧ କରିବେ ବୋଲି ପାହାଡ଼ ପାଦଦେଶରେ ଜଗି ବସିଥିବା ମହିଳାମାନେ କହିଛନ୍ତି । ମିଛ ଗ୍ରାମସଭା କରି ମୃତ, ନାବାଳକ ଓ ଅନାମଧେୟ ଲୋକଙ୍କ ସ୍ୱାକ୍ଷର ନେଇ ସିଜିମାଳି ବକ୍ସାଇଟ ଖଣି ଖନନ କରିବାକୁ ବେଦାନ୍ତ ଓ ମୈତ୍ରୀ କମ୍ପାନୀର ମସୁଧା ଓ ନୂଆ ରେଳ ଲାଇନ ବିଛାଇ ଖଣିଜ ଦ୍ରବ୍ୟ ପରିବହନ କରିବାକୁ ସରକାରଙ୍କ ତତ୍ପରତା ଆଦିବାସୀ ମାନଙ୍କୁ ଦ୍ୱନ୍ଦ୍ୱରେ ପକାଇ ଦେଇଛି । ତେବେ ସରକାର ଓ ପ୍ରଶାସନ ସ୍ଥାନୀୟ ଲୋକଙ୍କୁ ସମର୍ଥନ କଲେ ହୁଏତ ଆଦିବାସୀମାନେ ସେମାନେ ଜୀବନଜୀବିକା ବଞ୍ଚାଇ ପାରିବେ ଓ ଭିଟାମାଟିକୁ ସୁରକ୍ଷା ଦେଇପାରିବେ। ଆଦିବାସୀ ମାନଙ୍କ ସ୍ୱାର୍ଥ, ସମ୍ମାନ ଓ ସୁରକ୍ଷାକୁ ଅଣଦେଖା କରିବା ସରକାରଙ୍କ ପାଇଁ ମହଙ୍ଗା ପଡ଼ିବ ।






# ଓଡ଼ିଶାର ବିକାଶ ମାନଚିତ୍ରରେ ଆଦିବାସୀଙ୍କ ସ୍ଥାନ କେଉଁଠି ?






**ପିନ୍ ବାର୍ତ୍ତା:** ୨୦୧୧ ଜନଗଣନା ଅନୁଯାୟୀ, ଆଦିବାସୀମାନେ ରାଜ୍ୟ ଜନସଂଖ୍ୟାର ପ୍ରାୟ ୨୨.୮% ଅଟନ୍ତି, ଯେଉଁମାନଙ୍କ ମଧ୍ୟରୁ ୭୦% ରୁ ଅଧିକ ଗ୍ରାମାଞ୍ଚଳ ଏବଂ ପ୍ରାୟତଃ ଦୂରବର୍ତ୍ତୀ ଜଙ୍ଗଲ ଅଞ୍ଚଳରେ ବାସ କରନ୍ତି । ରାଜ୍ୟର ଆଠଟି ଜିଲ୍ଲାରେ ସମଗ୍ର ଜନସଂଖ୍ୟାର ପ୍ରାୟ ୫୦%ରୁ ଅଧିକ ଆଦିବାସୀ ଜନସଂଖ୍ୟା ଅଛି । କଳାହାଣ୍ଡି-ବଲାଙ୍ଗୀର-କୋରାପୁଟ, କନ୍ଧମାଳ, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଗଜପତି ଓ ଦକ୍ଷିଣ ଜିଲ୍ଲା ଗୁଡ଼ିକରେ ଆଦିବାସୀ ବହୁଳ ଓ ଏହି ଅଞ୍ଚଳରେ ଆଦିବାସୀଙ୍କ ସମସ୍ୟା ମଧ୍ୟ ଅଧିକ । ସରକାରୀ ତଥ୍ୟ ଅନୁଯାୟୀ ଓଡ଼ିଶାରେ ୬୨ ତଫସିଲ ଜାତି ରହିଛନ୍ତି ଓ ଏମାନଙ୍କ ଭିତରେ ୧୩ ଟି ବିଶେଷ ଦୁର୍ବଳ ଆଦିବାସୀ ଗୋଷ୍ଠୀ (Particularly Vulnerable Tribal Groups) ଅଛନ୍ତି ।



ଶୈଳେନ୍ଦ୍ର ରାଜ୍

ଓଡ଼ିଶାର ଆଦିବାସୀ ମାନେ ଅନୁପାତିକ ଭାବେ ଅଧିକ ଦାରିଦ୍ର୍ୟର ସମ୍ମୁଖୀନ । ପ୍ରାୟ ସମସ୍ତେ ସ୍ଥାୟୀ କୃଷି, ଜନଜାତି ଉତ୍ପାଦ, ଋତୁଭିତିକ ମଜୁରୀ, ପରିବର୍ତ୍ତନଶୀଳ ଚାଷ ଉପରେ ନିର୍ଭର କରନ୍ତି ଯାହା କମ୍ ଓ ଅସ୍ଥିର ଆୟ ଦେଇଥାଏ ।

ରାଜ୍ୟବ୍ୟାପୀ ବହୁମୁଖୀ ଦାରିଦ୍ର୍ୟ କମିଥିବା ସତ୍ତ୍ୱେ ଆଦିବାସୀ ପ୍ରଧାନ ଜିଲ୍ଲାଗୁଡ଼ିକରେ ପୋଷଣ ପାଣି ଓ ବାସସ୍ଥାନରେ ଅନ୍ତର ରହିଛି । ଅନେକ ପରିବାର ଭୂମିହୀନ ବା ଅତ୍ୟନ୍ତ କ୍ଷୁଦ୍ର ଜମିର ମାଲିକ ଅଟନ୍ତି । ସ୍ୱାସ୍ଥ୍ୟ କ୍ଷେତ୍ରରେ ତୀବ୍ର ପୋଷଣ ଅଭାବ ଆଦିବାସୀ ଅଞ୍ଚଳରେ ବ୍ୟାପକ ପରିଲକ୍ଷିତ ହୁଏ । ଆଦିବାସୀଙ୍କ ମଧ୍ୟରେ ଶିଶୁ ମୃତ୍ୟୁ ହାର ୫୫.୯ ଟି ୧୦୦୦ ଶିଶୁରେ ଯାହା ଜାତୀୟ ହାରଠାରୁ ବହୁତ ଅଧିକ । ପୋଷଣ ଅଭାବ, ଉଚ୍ଚ ମାତୃ ତଥା ଶିଶୁ ମୃତ୍ୟୁ, ମ୍ୟାଲେରିଆ, ଜଳ ଜନିତ ରୋଗ ଏବଂ ଦୂରବର୍ତ୍ତୀ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବାର ସୁବିଧା ଏହାର ପ୍ରଭାବ ଆଦିବାସୀ ସବୁବେଳେ ଭୋଗନ୍ତି ।

ସାକ୍ଷରତା ହାରରେ ମଧ ଆଦିବାସୀ ବହୁତ ପଛରେ ଅଛନ୍ତି । ସାମଗ୍ରିକ ଆଦିବାସୀ ସାକ୍ଷରତା ହାର ପ୍ରାୟ ୫୨.୨୪% । ମହିଳା ସାକ୍ଷରତା ଅନ୍ତର ଆହୁରି ଅଧିକ । ଆଦିବାସୀଙ୍କର ସବୁଠୁଁ ବଡ଼ ସମସ୍ୟା ହେଲା ବିସ୍ଥାପନ । ଏହା ଆଦିବାସୀଙ୍କ ସମସ୍ତ ସମସ୍ୟାର ମୂଳ କାରଣ ।

ସେ ଖଣି, ଶିଳ୍ପ କିମ୍ବା ନଦୀବନ୍ଧ ପ୍ରକଳ୍ପ ହେଉ, ଯାହା ରାଜ୍ୟ ପାଇଁ ବିକାଶର ଆଲୋକ ଆଣିଦିଏ, ତାହା ଆଦିବାସୀଙ୍କୁ ନିଜ ଭିଟାମାଟିରୁ ଉତ୍ପାଦନ କରି ଅନ୍ଧାର ଆଡ଼କୁ ଠେଲିଦିଏ । ଏକ ତଥ୍ୟ ଅନୁଯାୟୀ ଦେଶବ୍ୟାପୀ ବିକାଶ ପ୍ରକଳ୍ପରେ ବିସ୍ଥାପିତ ହୋଇଥିବା ଲୋକଙ୍କ ମଧ୍ୟରେ ୪୦ ରୁ ୫୦ ପ୍ରତିଶତ ଆଦିବାସୀ ଅଟନ୍ତି ।

ଓଡ଼ିଶାର ଏହି ଆଦିବାସୀ ବାସ କରୁଥିବା ଅଞ୍ଚଳରେ ରହିଛି :

- ସମଗ୍ର ଭାରତର ୯୫% କ୍ରୋମାଇଟ୍
- ୫୯% Bauxite
- ୩୩% ଲୁହା ପଥର
- ୨୪% କୋଇଲା

କେବଳ ୨୦୨୫ ମସିହାରେ ହିଁ ୧୬.୭୩ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ । ସବୁ ବଡ଼ ବଡ଼ କମ୍ପାନୀ ଏଠାରେ ପୁଞ୍ଜିନିବେଶ କରିଛନ୍ତି । କେବଳ ଇସ୍ପାତ କ୍ଷେତ୍ରରେ ୨୦୩୦ ସୁଦ୍ଧା ୧୦୦ ମିଲିୟନ ଟନ୍ ଉତ୍ପାଦ ପ୍ରସ୍ତୁତି ର ଯୋଜନା । ଖଣିଜ ଉତ୍ତୋଳନ ଓଡ଼ିଶାର ସବୁଠୁ ମୁଖ୍ୟ ରାଜସ୍ୱ ଉତ୍ସ ଅଟେ । ୨୦୨୩-୨୪ ମସିହାରେ ଆଦାୟ ରାଜସ୍ୱ ର ୭୫% ଓ ନିଜସ୍ୱ ରାଜସ୍ୱ ର ପ୍ରାୟ ୪୯% ହୋଇଥିଲା । ଆର୍ଥିକ ବର୍ଷ ୨୦୨୪ ରେ ଓଡ଼ିଶା ନିଜ ଖଣିଜ ରାଜସ୍ୱରୁ ୪୯,୩୬୯ କୋଟି ସଂଗ୍ରହ କରିଥିଲା ।

ରାଜ୍ୟ ର ବିକାଶ ରେ ଏହି ଖଣିଜ ପଦାର୍ଥ ରୁ ମିଳୁଥିବା ରାଜସ୍ୱ ର ମହତ୍ତ୍ୱ ଅଧିକ । ଯେଉଁ ଆଦିବାସୀ ଙ୍କୁ ବିସ୍ଥାପନ କରି ଏ ଯେଉଁ ଖଣିଜ ପଦାର୍ଥ ଉତ୍ତୋଳନ କରାଯାଉଛି ସେହି ବିସ୍ଥାପିତ ଆଦିବାସୀ ଏ ବିକାଶ ରେ ସାମିଲ ନା ନାହିଁ ତାହା ଆଜିର ସବୁଠୁ ବଡ଼ ପ୍ରଶ୍ନ ।

# ଝାଡ଼ଖଣ୍ଡରେ ଓଡ଼ିଆ ଭାଷାର ସୁରକ୍ଷାକୁ ନେଇ ପ୍ରଶ୍ନ

**ପିନ୍ ବାର୍ତ୍ତା:** ଝାଡ଼ଖଣ୍ଡ ଏକାଡେମିକ୍ କାଉନସିଲ (JAC), ରାଞ୍ଚି ଦ୍ୱାରା ପ୍ରକାଶ ପାଇଥିବା ଝାଡ଼ଖଣ୍ଡ ଶିକ୍ଷକ ଯୋଗ୍ୟତା ପରୀକ୍ଷା (JHTET)–୨୦୨୬ର ସିଲାବସକୁ ନେଇ ଏବେ ଗୁରୁତର ବିବାଦ ଉପୁଜିଛି । ଓଡ଼ିଆ ବିଷୟର ସିଲାବସକୁ ନିଜସ୍ୱ ଲିପି ପରିବର୍ତ୍ତେ ଦେବନାଗରୀ ଲିପିରେ ପ୍ରକାଶ କରାଯାଇଥିବା ଘଟଣା ଝାଡ଼ଖଣ୍ଡର ଓଡ଼ିଆ ଭାଷାଭାଷୀ ସମ୍ପ୍ରଦାୟଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି ।

ଗତ ୨୮ ମାର୍ଚ୍ଚ ୨୦୨୬ରେ ଜାରି ହୋଇଥିବା ଏହି ସିଲାବସକୁ ସ୍ଥାନୀୟ ଓଡ଼ିଆମାନେ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ଅସଙ୍ଗତ ବୋଲି ଅଭିହିତ କରିଛନ୍ତି । ଷଢ଼େଇକଳା-ଖରସୁଆଁର ନନ୍ଦ କୁମାର ପାଣ୍ଡେଙ୍କ ନେତୃତ୍ୱରେ ଶତାଧିକ ଓଡ଼ିଆ ଭାଷାଭାଷୀ ଲୋକ ଏହାର ତୀବ୍ର ପ୍ରତିବାଦ କରିବା ସହ ଝାଡ଼ଖଣ୍ଡ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ । ସେମାନଙ୍କ ଅଭିଯୋଗ କରିଛନ୍ତି ଯେ, ଏଭଳି ପଦକ୍ଷେପ ଓଡ଼ିଆ ଭାଷା ପ୍ରତି ଅବମାନନା ।

ଏହି ବିବାଦ ଯୋଗୁଁ ଓଡ଼ିଶାରେ ମଧ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନଜରକୁ ଆସିବା ପରେ ଏହାକୁ ଗୁରୁତର ଭାବେ ନେଇଛନ୍ତି । ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ କମିଶନର-କମ୍-ସଚିବ ରଶ୍ମିତା ପଣ୍ଡା, JAC ସଚିବଙ୍କୁ ଏକ ପତ୍ର ଲେଖି ଓଡ଼ିଆ ସିଲାବସକୁ ତୁରନ୍ତ ଓଡ଼ିଆ ଲିପିରେ ପୁନଃ ପ୍ରକାଶ କରିବାକୁ ଅନୁରୋଧ କରିଛନ୍ତି । ସେ ଉଲ୍ଲେଖ କରିଛନ୍ତି ଯେ, ଓଡ଼ିଆ ଏକ ସମ୍ବିଧାନ ସ୍ୱୀକୃତିପ୍ରାପ୍ତ ଅଷ୍ଟମ ଅନୁସୂଚୀଭୁକ୍ତ ଭାଷା ଏବଂ ଏହାକୁ ଶାସ୍ତ୍ରୀୟ ଭାଷାର ମର୍ଯ୍ୟାଦା ମିଳିଛି । ଏପରି ସ୍ଥିତିରେ ଏହାକୁ ଦେବନାଗରୀ ଲିପିରେ ପ୍ରସ୍ତୁତ କରିବା ଅନୁଚିତ ।



> ଝାଡ଼ଖଣ୍ଡରେ ଓଡ଼ିଆ ଭାଷା ଦ୍ୱିତୀୟ ସରକାରୀ ଭାଷା ଭାବେ ସ୍ୱୀକୃତ ଥିବା ସତ୍ତ୍ୱେ ଏହାର ସିଲାବସକୁ ଦେବନାଗରୀରେ ପ୍ରକାଶ କରାଯିବା ଭାଷାଗତ ଅଧିକାରର ଉଲ୍ଲଂଘନ । ଭାରତୀୟ ସମ୍ବିଧାନର ଧାରା ୩୫୦(ବି) ଅନୁଯାୟୀ ଭାଷାଗତ ସଂଖ୍ୟାଲଘୁଙ୍କ ଭାଷା ଓ ଲିପିର ସୁରକ୍ଷା ପାଇଁ ବିଶେଷ ବ୍ୟବସ୍ଥା ରହିଛି, ଯାହାକୁ ଏଠାରେ ଅବହେଳା କରାଯାଇଥିବା ଅଭିଯୋଗ ହେଉଛି ।




ସେ ଆହୁରି ଉଲ୍ଲେଖ କରିଛନ୍ତି ଯେ, ବଙ୍ଗଳା ଭାଷାର ସିଲାବସ ବଙ୍ଗଳା ଲିପିରେ ଥିବାବେଳେ କେବଳ ଓଡ଼ିଆ ପାଇଁ ଏପରି ବ୍ୟତିକ୍ରମ ଅତ୍ୟନ୍ତ ଦୁଃଖଦ । ଓଡ଼ିଆ ଭାଷା ପ୍ରତି ବୈମାତୃକ ମନୋଭାବ ପ୍ରକାଶ କରୁଛି ବୋଲି ସେ କହିଛନ୍ତି । ଝାଡ଼ଖଣ୍ଡରେ ଓଡ଼ିଆ ଭାଷା ଦ୍ୱିତୀୟ ସରକାରୀ ଭାଷା ଭାବେ ସ୍ୱୀକୃତ ଥିବା ସତ୍ତ୍ୱେ ଏହାର ସିଲାବସକୁ ଦେବନାଗରୀରେ ପ୍ରକାଶ କରାଯିବା ଭାଷାଗତ ଅଧିକାରର ଉଲ୍ଲଂଘନ । ଭାରତୀୟ ସମ୍ବିଧାନର ଧାରା ୩୫୦(ବି) ଅନୁଯାୟୀ ଭାଷାଗତ ସଂଖ୍ୟାଲଘୁଙ୍କ ଭାଷା ଓ ଲିପିର ସୁରକ୍ଷା ପାଇଁ ବିଶେଷ ବ୍ୟବସ୍ଥା ରହିଛି, ଯାହାକୁ ଏଠାରେ ଅବହେଳା କରାଯାଇଥିବା ଅଭିଯୋଗ ହେଉଛି । ଅନ୍ୟ ଭାଷାର ସିଲାବସରେ ଯେଉଁଠାରେ ଗଦ୍ୟ ଓ ପଦ୍ୟ ପାଇଁ ୨୦ ମାର୍କର ବ୍ୟବସ୍ଥା ରହିଛି, ସେଠାରେ ଓଡ଼ିଆ ପ୍ରାର୍ଥୀମାନେ ସେଥିରୁ ବଞ୍ଚିତ ହେଉଥିବା ଅଭିଯୋଗ ମଧ୍ୟ ଉଠିଛି । ସ୍ଥାନୀୟ ଓଡ଼ିଆ ସମୁଦାୟର ଦାବି ହେଉଛି—JHTET ଓଡ଼ିଆ ସିଲାବସକୁ ତୁରନ୍ତ ଓଡ଼ିଆ ଲିପିରେ ପୁନଃ ପ୍ରକାଶ କରାଯାଉ, ଗଦ୍ୟ ଓ ପଦ୍ୟ ଅଂଶ ପାଇଁ ୨୦ ମାର୍କ ସମ୍ମିଳିତ କରାଯାଉ, ଏବଂ ଅନ୍ୟ ଭାଷାମାନଙ୍କ ଭଳି ଓଡ଼ିଆରେ ମଡେଲ ପ୍ରଶ୍ନପତ୍ର ମଧ୍ୟ ଜାରି କରାଯାଉ ।

ଏଭଳି ନିଷ୍ପତ୍ତି ଓଡ଼ିଆ ଭାଷାର ସୁରକ୍ଷା, ସମ୍ମାନ ଓ ପରିଚୟକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସମ୍ପୃକ୍ତ କର୍ତ୍ତୃପକ୍ଷ ଶୀଘ୍ର ଏହି ମାମଲାର ସମାଧାନ କରି ଓଡ଼ିଆ ଭାଷାର ଗୌରବ ଓ ଅଧିକାରକୁ ସୁନିଶ୍ଚିତ କରିବେ ବୋଲି ଭାଷାପ୍ରେମୀ ଓ ସାଧାରଣ ଲୋକେ ଆଶାବ୍ୟକ୍ତ କରିଛନ୍ତି ।

## ସମ୍ପାଦକୀୟ



# କାହା ସ୍ୱାର୍ଥରେ ଫୁଟ ଓଭରବ୍ରିଜ

**ପିନ୍ ବାର୍ତ୍ତା:** ପଥଚାରୀ ଟ୍ରାଫିକ୍ ଯନ୍ତ୍ରଣାରୁ ମୁକ୍ତି ପାଇବା ଓ ଦୁର୍ଘଟଣା ହ୍ରାସ ଲକ୍ଷ୍ୟରେ ରାଜଧାନୀରେ ଫୁଟ ଓଭରବ୍ରିଜ (ଏଫଓବି) ନିର୍ମାଣର ପରିକଳ୍ପନା କରାଯାଇଥିଲା । ଜାତୀୟ ଓ ରାଜ୍ୟ ରାଜପଥରେ ବୃଦ୍ଧି ପାଉଥିବା ଭିଡ଼କୁ ଦେଖି ଏଭଳି ପଦକ୍ଷେପ ନିଆଯାଇଥିଲା । ବିଶେଷକରି ବରିଷ୍ଠ ନାଗରିକ ଓ ଭିନ୍ନକ୍ଷମଙ୍କ ସୁବିଧା ପାଇଁ ଲିଫ୍ଟ ବ୍ୟବସ୍ଥା ମଧ୍ୟ ହୋଇଥିଲା । ଏଥିପାଇଁ କୋଟି କୋଟି ଟଙ୍କା ବ୍ୟୟ ହୋଇଥିଲେ ମଧ୍ୟ ବାସ୍ତବରେ ସାଧାରଣ ଲୋକେ ଏହାର ସୁବିଧା ପାଇପାରୁ ନାହାନ୍ତି । ତେବେ କାହା ସ୍ୱାର୍ଥରେ ଫୁଟ ଓଭରବ୍ରିଜ ନିର୍ମାଣ ହେଉଛି, କୋଟି କୋଟି ଅର୍ଥ ବ୍ୟୟ କରାଯାଇ ଜନତାଙ୍କୁ ଭୁଆଁ ବୁଲାଯାଉଛି ବୋଲି ପ୍ରଶ୍ନ ଉଠିଛି ।

ବର୍ତ୍ତମାନ ଭୁବନେଶ୍ୱରରେ ୭ଟି ଫୁଟ ଓଭରବ୍ରିଜ ମଧ୍ୟରୁ ୬ଟି ଲୋକେ ବ୍ୟବହାର କରୁଛନ୍ତି ଓ ଗୋଟିଏ ଉଦଘାଟନ ଅପେକ୍ଷାରେ ରହିଛି । ଆଗାମୀ ଦିନରେ ପଳାଶୁଣୀରୁ ରସୁଲଗଡ଼ ପର୍ଯ୍ୟନ୍ତ ସ୍କାଏୱାକ ଓ ନଖରା, ଟଙ୍କପାଣି ରୋଡରେ ନୂଆ ଫୁଟ୍ ଓଭରବ୍ରିଜ୍ ନିର୍ମାଣର ଯୋଜନା ରହିଛି । କିନ୍ତୁ ବର୍ତ୍ତମାନର କାର୍ଯ୍ୟକ୍ଷମ ଥିବା ଏଫଓବିମାନଙ୍କର ସ୍ଥିତି ଅନୁଧ୍ୟାନ କଲେ ନୂଆ ଫୁଟ ଓଭରବ୍ରିଜ ଲୋକଙ୍କୁ କେତେଦୂର ଉତ୍ତମ ସେବା ଯୋଗାଇ ପାରିବ, ସେ ନେଇ ସନ୍ଦେହ ଉପୁଜୁଛି ।

ଜୟଦେବ ବିହାରରେ ଥିବା ଫୁଟ୍ ଓଭରବ୍ରିଜ୍ ହେଉଛି ରାଜଧାନୀର ପ୍ରଥମ ଫୁଟ ଓଭରବ୍ରିଜ । ପରେ କ୍ରାଉନ୍ ହୋଟେଲ୍, ସତସଙ୍ଗବିହାର, କଳିଙ୍ଗ ଷ୍ଟାଡିୟମ, ଡିଏନ୍ ରେଗାଲିଆ, ବରମୁଣ୍ଡା ଓ ପଳାଶୁଣୀରେ ନିର୍ମାଣ କରାଯାଇଛି । କିନ୍ତୁ ବରମୁଣ୍ଡା ଫୁଟ ଓଭରବ୍ରିଜ ପରିଚାଳନାଗତ ତ୍ରୁଟି ଯୋଗୁଁ ଲୋକଙ୍କ କାମରେ ଲାଗିପାରୁନାହିଁ ।

ସେହିପରି ପ୍ରାୟ ୨ କୋଟି ଟଙ୍କା ବ୍ୟୟରେ ସତସଙ୍ଗ ବିହାର ଫୁଟ ଓଭରବ୍ରିଜ ହୋଇଥିବା ବେଳେ ଯାହାକୁ ସବୁଠୁ ଲମ୍ବା ବୋଲି କୁହାଯାଏ । ଏଠାରେ ଲିଫ୍ଟ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ୨୦୨୪ରେ ଉଦ୍ ?ଘାଟନ ପରେ ଆରମ୍ଭରୁ ହିଁ ଲିଫ୍ଟ ଅଚଳ ରହିଛି । କ୍ରାଉନ୍ ହୋଟେଲ୍ ପାଖରେ ପ୍ରାୟ ୨ କୋଟି ଟଙ୍କା ଖର୍ଚ୍ଚରେ ନିର୍ମିତ ଫୁଟ ଓଭରବ୍ରିଜର ଉଦ୍‌ଘାଟନ ୨୦୨୩ ଡିସେମ୍ବର ୧୨ରେ ହୋଇଥିଲା । ଏଠାରେ ମଧ୍ୟ ଲିଫ୍ଟ ଆରମ୍ଭରୁ ଅଚଳ ଅବସ୍ଥାରେ ରହିଛି । ପଳାଶୁଣୀ ଫୁଟ ଓଭରବ୍ରିଜ ପାଇଁ ପ୍ରାୟ ୩ କୋଟି ଟଙ୍କା ବ୍ୟୟ ହୋଇଥିଲା ଓ ୨୦୨୫ ମାର୍ଚ୍ଚ ୫ରେ ଏହାର ଉଦ୍ ?ଘାଟନ ହୋଇଥିଲା । ଏଠାରେ ଲିଫ୍ଟ ବ୍ୟବସ୍ଥା ଦ୍ୱାରା ବୃଦ୍ଧବୃଦ୍ଧା ଓ ଭିନ୍ନକ୍ଷମଙ୍କୁ ସୁବିଧା ମିଳିବ ବୋଲି କୁହାଯାଇଥିଲେ ମଧ୍ୟ, ବର୍ଷେ ବିତିଯାଇଥିଲେ ମଧ୍ୟ ଲିଫ୍ଟ କାମ ସମ୍ପୂର୍ଣ୍ଣ ହୋଇନାହିଁ ।

ଡିଏନ୍ ରେଗାଲିଆ ଫୁଟ ଓଭରବ୍ରିଜର ସ୍ଥିତି ମଧ୍ୟ ପ୍ରାୟ ସମାନ । ବ୍ୟାପକ ଅର୍ଥ ବ୍ୟୟ ସତ୍ତ୍ୱେ ଏପର୍ଯ୍ୟନ୍ତ କାମ ସରିନି । ଫଳସ୍ୱରୂପ, ବରିଷ୍ଠ ନାଗରିକ ଓ ଭିନ୍ନକ୍ଷମମାନେ ଏବେ ବି ବିପଦପୂର୍ଣ୍ଣ ଭାବରେ ରାସ୍ତା ପାର ହେବାକୁ ବାଧ୍ୟ ହେଉଛନ୍ତି । ସମଗ୍ର ପରିସ୍ଥିତି ଦେଖିଲେ ଫୁଟ ଓଭରବ୍ରିଜ ନିର୍ମାଣର ମୂଳ ଉଦ୍ଦେଶ୍ୟ ସଫଳ ହୋଇପାରୁନାହିଁ ବୋଲି ମନେ ହେଉଛି । ଯଥା ସମୟରେ ରକ୍ଷଣାବେକ୍ଷଣ ଓ ପରିଚାଳନା ଉପରେ ଗୁରୁତ୍ୱ ନ ଦିଆଗଲେ, ଆଗାମୀ ଯୋଜନାର ମୂଳ ଲକ୍ଷ ସାଧନ ହୋଇପାରିବ ନାହିଁ ଓ ଲୋକେ ବ୍ୟାପକ ଅସୁବିଧାର ସମ୍ମୁଖୀନ ହେବେ ।

ଫୁଟ ଓଭରବ୍ରିଜ ଶୁଭାରମ୍ଭ ବେଳେ ନେତା, ମନ୍ତ୍ରୀଙ୍କର କେବଳ ଭାଷଣ ଓ ମିଛ ପ୍ରତିଶୃତି ଶୁଣିବାକୁ ମିଳେ । ପରବର୍ତ୍ତୀ ସମୟରେ ପ୍ରତିଶୃତି ପାଣିର ଗାର ହେଉଥିବା ବେଳେ ସାଧାରଣ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

# ବାରମ୍ବାର ବିବାଦରେ ରାଜ୍ୟପାଳଙ୍କ କାର୍ଯ୍ୟାଳୟ



**ପିନ୍ ବାର୍ତ୍ତା:** ସବୁବେଳେ ବିବାଦରେ ଓଡ଼ିଶା ରାଜ୍ୟପାଳଙ୍କ କାର୍ଯ୍ୟାଳୟ। ପୂର୍ବତନ ରାଜ୍ୟପାଳ ରଘୁବର ଦାସଙ୍କ ପୁଅ ଲଳିତ ଦାସ ଆସିଷ୍ଟାଣ୍ଟ ସେକ୍ସନ୍ ଅଫିସର (ଏଏସଓ) ବୈକୁଣ୍ଠ ପ୍ରଧାନଙ୍କୁ ମାଡ଼ ମାରିଥିବା ବେଳେ ଏବେ କିଛିଦିନ ତଳେ ଲୋକ ଭବନରେ ଦୁଇ ବରିଷ୍ଠ ଆୟକର ଅଧିକାରୀଙ୍କୁ ଦୁର୍ବ୍ୟବହାର ଚର୍ଚ୍ଚାର ବିଷୟ ହୋଇଛି । ପୂର୍ବ ଘଟଣାରେ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଛି, ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୃଥ୍ୱୀରାଜ ହରିଚନ୍ଦନ କହିଥିବା ବେଳେ କୌଣସି ସୁଫଳ ମିଳିପାରିଲା ନାହିଁ। ରାଜ୍ୟପାଳ ବଦଳିଗଲେ, ହେଲେ ଏହି ମାମଲା ନାଲି ଫିତା ତଳେ ରହିଯାଇଥିବା ବେଳେ ଦୋଷୀ ଖୁଲମଖୁଲା ବୁଲୁଛନ୍ତି । ନିକଟରେ ପୁନଶ୍ଚ ଏଭଳି ଘଟଣାର ପୁନରାବୃତ୍ତି ହେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ।

ଲୋକ ଭବନରେ ଦୁଇ ଆୟକର ଅଧିକାରୀଙ୍କ ଦୁର୍ବ୍ୟବହାର ଘଟଣା ଗୁରୁତର ଭାବେ ନେଇଛି ଓଡ଼ିଶା ପୋଲିସ। ପ୍ରକାଶ ଯେ, ଉଭୟ ଆୟକର ଅଧିକାରୀଙ୍କୁ ଲୋକ ଭବନ ଲବିରେ ଅତ୍ୟନ୍ତ ଖରାପ ବ୍ୟବହାର ପ୍ରଦର୍ଶନ କରାଯାଇଥିବା ନେଇ ଅଭିଯୋଗ ହୋଇଥିଲା । ଦୁଇ ଅଧିକାରୀ ଆୟକର କମିଶନରଙ୍କ ପ୍ରତ୍ୟକ୍ଷ ମାଗଦର୍ଶନରେ କାର୍ଯ୍ୟ ତୁଲାଉଥିଲା ବେଳେ ଲୋକ ସେବା ଭବନରେ ତାଙ୍କୁ ବେଆଇନ ପ୍ରବେଶକାରୀ ଭାବେ ଦର୍ଶାଯାଇ ରାଜ୍ୟପାଳଙ୍କ ଏଡିସିଙ୍କ ନିର୍ଦ୍ଦେଶରେ ସେମାନଙ୍କୁ ଭ୍ୟାନ୍‌ରେ ବସାଇ କ୍ୟାପିଟାଲ ଥାନାକୁ ନିଆଯାଇଥିଲା। ଏପରିକି ଉଭୟଙ୍କ ବିରୋଧରେ ମଦ୍ୟପାନ ଅଭିଯୋଗ ଅଣାଯାଇଥିଲା, ଯାହା କି ପରବର୍ତ୍ତୀ ସମୟରେ ଥାନାରେ ଭିତ୍ତିହୀନ ବୋଲି ପ୍ରମାଣିତ ହୋଇଥିଲା । ଏହି ଘଟଣାକୁ ନେଇ ମୁଖ୍ୟ ଆୟକର କମିସନର ଡି.ସୁଧାକର ରାଓ ଅସନ୍ତୋଷ ବ୍ୟକ୍ତ କରି ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ପ୍ରତି ଏପରି ଆଚରଣ ବିଭାଗୀୟ ମର୍ଯ୍ୟାଦା ପ୍ରତି ଆଞ୍ଚ ଆଣିଛି ବୋଲି ଅଭିଯୋଗ କରି ରାଜ୍ୟପାଳଙ୍କ ସଚିବଙ୍କୁ ଚିଠି ଲେଖି କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରିଛନ୍ତି । ଏହି ଘଟଣାରେ ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ପୋଲିସ କମିଶନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ୱାଇ.ବି.ଖୁରାନିଆ । ସେ କହିଛନ୍ତି, ଘଟଣାର ତଦନ୍ତ ପାଇଁ ପୋଲିସ କମିଶନରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ସ୍ପଷ୍ଟ ଜଣାପଡିବ ।

ଏଭଳି ଘଟଣା ନୂଆ ନୁହେଁ । ପୂର୍ବରୁ ମଧ୍ୟ ସଂସଦୀୟ ବ୍ୟାପାର ବିଭାଗର ଏଏସଓ ବୈକୁଣ୍ଠ ପ୍ରଧାନ ଅଭିଯୋଗରେ ଦର୍ଶାଇଥିଲେ ଯେ, ପୁରୀରେ ରଥଯାତ୍ରା ରାତିରେ ରାଜଭବନରେ ଲଳିତ ଓ ଅନ୍ୟ ୫ ଜଣ ତାଙ୍କୁ ମାଡ଼ ମାରିଥିଲେ । ୨୦୨୪ ଜୁଲାଇ ୭ ଓ ୮ ତାରିଖ ଦୁଇ ଦିନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ରହଣି ବ୍ୟବସ୍ଥା ତଦାରଖ ପାଇଁ ତାଙ୍କୁ ରାଜଭବନରେ ନିୟୋଜିତ କରାଯାଇଥିଲା । ୭ ତାରିଖ ରାତିରେ ସେ ରାଜଭବନରେ ଥିବା ତାଙ୍କ କାର୍ଯ୍ୟାଳୟରେ ଥିବାବେଳେ ଲଳିତ ତାଙ୍କୁ ରାଜ୍ୟପାଳଙ୍କ ବ୍ୟକ୍ତିଗତ ରୋଷେୟା ଆକାଶ ସିଂହଙ୍କ ଜରିଆରେ ଡାକି ମାଡ଼ ମାରିବା ଆରମ୍ଭ କରିଥିଲେ ।

> **ବାରମ୍ବାର କାହିଁକି ରାଜ ଭବନ (ଲୋକ ଭବନ) ଏସବୁ ବିବାଦରେ ଛନ୍ଦି ହୋଇ ପଡୁଛି ଏହାର କାରଣ ଜଣା ପଡୁନି । ରାଜ୍ୟପାଳଙ୍କ କାର୍ଯ୍ୟାଳୟ ସାମ୍ବିଧାନିକ ଦୃଷ୍ଟିକୋଣରୁ ଅତ୍ୟନ୍ତ ସମ୍ମାନନୀୟ ଓ ମହତ୍ତ୍ୱପୂର୍ଣ୍ଣ ।**

ପରେ ବୈକୁଣ୍ଠ ପ୍ରଧାନ ରାଜ୍ୟପାଳଙ୍କ ପ୍ରମୁଖ ସଚିବଙ୍କୁ ମୌଖିକ ଭାବେ ଜଣାଇଥିଲେ। କୌଣସି କାର୍ଯ୍ୟାନୁଷ୍ଠାନ ନିଆନଯିବାରୁ ସେ ନ୍ୟାୟ ପାଇଁ ପ୍ରମୁଖ ଶାସନ ସଚିବଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ । କୌଣସି ପ୍ରତିକ୍ରିୟା ନ ମିଳିବାରୁ ବୈକୁଣ୍ଠଙ୍କ ପତ୍ନୀ ପୁରୀ ସି ବିଚ୍ ଥାନାରେ ଅଭିଯୋଗ କରିଥିଲେ । ପୁରୀ ଏସପିଙ୍କୁ ମଧ୍ୟ ଭେଟିଥିଲେ । ହେଲେ ଦୁର୍ଭାଗ୍ୟବଶତଃ ବୈକୁଣ୍ଠ ପ୍ରଧାନଙ୍କୁ ନ୍ୟାୟ ମିଳିବା ପରିବର୍ତ୍ତେ ତାଙ୍କୁ ଅନ୍ୟତ୍ର ବଦଳି କରାଯାଇଥିଲା ।

ବାରମ୍ବାର କାହିଁକି ରାଜ ଭବନ (ଲୋକ ଭବନ) ଏସବୁ ବିବାଦରେ ଛନ୍ଦି ହୋଇ ପଡୁଛି ଏହାର କାରଣ ଜଣା ପଡୁନି । ରାଜ୍ୟପାଳଙ୍କ କାର୍ଯ୍ୟାଳୟ ସାମ୍ବିଧାନିକ ଦୃଷ୍ଟିକୋଣରୁ ଅତ୍ୟନ୍ତ ସମ୍ମାନନୀୟ ଓ ମହତ୍ତ୍ୱପୂର୍ଣ୍ଣ । ଏପରି ଘଟଣା ସବୁ ଏହାର ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରୁଛି।

# ଗଞ୍ଜାମ ଜିଲ୍ଲାରେ ଆଇନଶୃଙ୍ଖଳା ରସାତଳଗାମୀ

**ପିନ୍ ବାର୍ତ୍ତା:** ଗଞ୍ଜାମ ଜିଲ୍ଲାରେ ଆଇନଶୃଙ୍ଖଳା ରସାତଳଗାମୀ ହୋଇଛି । ଗୋଟିଏ ଜିଲ୍ଲାରେ ଦୁଇଟି ପୁଲିସ ଜିଲ୍ଲା ଓ ଦୁଇ ଦୁଇ ଜଣ ଏସ୍ ?ପି ଥାଇ ବି ଆଇନଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ବିଗିଡ଼ିବାରେ ଲାଗିଛି । ଗଞ୍ଜାମ ଜିଲ୍ଲାରେ ଅପରାଧ କିଛି ନୂଆ କଥା ନୁହେଁ । ହତ୍ୟା, ଚୋରି, ଗଣଦୁଷ୍କର୍ମ, ବୋମାମାଡ଼ ଓ ଗୁଳିମାଡ଼ ନିତିଦିନିଆ ଘଟଣାରେ ପରିଣତ ହୋଇଛି । ଗୋଟିଏ ବର୍ଷ ଅର୍ଥାତ ୨୦୨୫ରେ ଜିଲ୍ଲାର ଆପରାଧିକ ତାଲିକା ବେଶ ଲମ୍ବା ରହିଛି । ଅନ୍ୟ ଜିଲ୍ଲାକୁ ପଛରେ ପକାଇ ଏକ ନମ୍ବରରେ ରହିଛି ଗଞ୍ଜାମ ।

ଏସବୁ ଭିତରେ ଗଞ୍ଜାମ ଜିଲ୍ଲା ଏବେ ପୁଣି ଚର୍ଚ୍ଚାରେ ରହିଛି । ୭ ଦିନ ପରେ ଜିଲ୍ଲାର ସୋରଡ଼ା ଥାନା ଅଞ୍ଚଳର ବାଲାପଙ୍କା ଗ୍ରାମ ନିକଟ ରଶିପଙ୍କାଳ ନିକଟରୁ ଅପହୃତ ବ୍ୟବସାୟୀଙ୍କ ଗଳିତ ମୃତଦେହ ପୋଲିସ ଉଦ୍ଧାର କରିଛି । ଏହି ଘଟଣାରେ ପ୍ରାୟ ୯ ଜଣଙ୍କୁ ପୋଲିସ ଉଠାଇ ଆଣିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି । ଏଥିରେ ମୃତକଙ୍କ ସମ୍ପର୍କୀୟଙ୍କ ସହ ଜିଲ୍ଲାର ଅନ୍ୟ କିଛି ଲୋକ ସାମିଲ ଅଛନ୍ତି । ଜମିଜମା ବିବାଦରୁ ସୁଧୀରଙ୍କୁ ଅପହରଣ ଓ ହତ୍ୟା କରାଯାଇଥିବା କୁହାଯାଉଛି । ପ୍ରକାଶ ଯେ, ଗୋପାଳପୁର ଥାନା ଅଞ୍ଚଳର ପ୍ଲଟ ବ୍ୟବସାୟୀ ସୁଧୀର ପାତ୍ରଙ୍କୁ ଦୁବୃତ୍ତମାନେ ରାସ୍ତାରୁ ଟେକି ନେଇ ମୁଣ୍ଡ ଜାମିନ ରଖି ୨କୋଟି ମାଗିଲେ । ଏପ୍ରିଲ ୧୫ ତାରିଖରୁ ନିଖୋଜ ଥିବା ବେଳେ ସୁଧୀରଙ୍କ ପରିବାର ଏ ସମ୍ପର୍କରେ ପୋଲିସର ଦ୍ୱାରସ୍ଥ ହୋଇଥିଲେ ମଧ ପୋଲିସ ଉଦ୍ଧାର କରି ପାରିଲା ନାହିଁ । ଅନ୍ୟପକ୍ଷରେ ଥାନାରେ ଅଭିଯୋଗ ହେବାରୁ ଦୁବୃତ୍ତ ସୁଧୀରଙ୍କୁ ହତ୍ୟା କରି ଜଙ୍ଗଲରେ ଫିଙ୍ଗିଦେଲେ ।



> “ ଜମିଜମା ବିବାଦରୁ ସୁଧୀରଙ୍କୁ ଅପହରଣ ଓ ହତ୍ୟା କରାଯାଇଥିବା କୁହାଯାଉଛି । ପ୍ରକାଶ ଯେ, ଗୋପାଳପୁର ଥାନା ଅଞ୍ଚଳର ପ୍ଲଟ ବ୍ୟବସାୟୀ ସୁଧୀର ପାତ୍ରଙ୍କୁ ଦୁବୃତ୍ତମାନେ ରାସ୍ତାରୁ ଟେକି ନେଇ ମୁଣ୍ଡ ଜାମିନ ରଖି ୨କୋଟି ମାଗିଲେ । ଏପ୍ରିଲ ୧୫ ତାରିଖରୁ ନିଖୋଜ ଥିବା ବେଳେ ସୁଧୀରଙ୍କ ପରିବାର ଏ ସମ୍ପର୍କରେ ପୋଲିସର ଦ୍ୱାରସ୍ଥ ହୋଇଥିଲେ ମଧ ପୋଲିସ ଉଦ୍ଧାର କରିପାରିଲା ନାହିଁ । ଅନ୍ୟପକ୍ଷରେ ଥାନାରେ ଅଭିଯୋଗ ହେବାରୁ ଦୁବୃତ୍ତ ସୁଧୀରଙ୍କୁ ହତ୍ୟା କରି ଜଙ୍ଗଲରେ ଫିଙ୍ଗିଦେଲେ । ”







ଏଭଳି ଅନେକ ଘଟଣାର ସାକ୍ଷୀ ହେଉଛି ଗଞ୍ଜାମ ଜିଲ୍ଲା । ଗତ ମାର୍ଚ୍ଚ ୨ ତାରିଖରେ ପୁରୁଷୋତ୍ତମ ଥାନା ଅନ୍ତର୍ଗତ ସୁଣ୍ଡିବାଙ୍କ ଗାଁ ନିକଟରେ ଗୁଳିମାଡ଼ ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଥିଲା । ବହୁଚର୍ଚ୍ଚିତ ଗୋପାଳପୁର ଗଣଦୁଷ୍କର୍ମ ଦେଶରେ ଓଡ଼ିଶାକୁ ଲଜ୍ଜିତ କରିଥିଲା । ସେହିପରି ଆଇନଜୀବୀ ପୀତବାସ ପଣ୍ଡା ହତ୍ୟାକାଣ୍ଡ ଓ ଗଞ୍ଜାମରେ ୭ ବର୍ଷର ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା କରାଯିବା ନେଇ ବୀଭତ୍ସ ଚିତ୍ର ବି ସାମ୍ନାକୁ ଆସିଥିଲା । ଆଇନଜୀବୀ ପୀତବାସ ପଣ୍ଡା ହତ୍ୟାକାଣ୍ଡ ସାରା ରାଜ୍ୟରେ ଚାଞ୍ଚଲ୍ୟ ଖେଳାଇ ଦେଇଥିଲା । ଅପରାଧୀକୁ ପୋଲିସ ଧରୁଥିଲେ ମଧ ଅପରାଧ ସଂଖ୍ୟା କମିବାର ନାଁ ଧରୁନି ।

୨୦୨୫ ମସିହାରେ ବ୍ରହ୍ମପୁର ପୋଲିସ ଜିଲ୍ଲାରେ ଘଟିଥିବା ଘଟଣା ରାଜ୍ୟ ରାଜନୀତିରେ ହଟଚମଟ ସୃଷ୍ଟି କରିଥିଲା । ବର୍ଷର ପ୍ରାୟ ସବୁ ଦିନ କେଉଁଠି ନା କେଉଁଠି କିଛି ନା କିଛି ଆପରାଧିକ କାର୍ଯ୍ୟକଳାପ ଘଟିଛି, ଯାହାର ସଂଖ୍ୟା ୬ ହଜାର ୮୭୦ । ୨୦୨୫ ବର୍ଷରେ ୯୭ ହତ୍ୟା, ୧୯୪ ଦୁଷ୍କର୍ମ ଘଟିଛି । ଚୋରି ମାମଲା ତ ୧୩୦୦ ପାର୍ କରିଛି । ୬୫ଟି ସ୍ଥାନରେ ସଂଘର୍ଷ ଘଟିଛି । ସରକାରୀ ତଥ୍ୟ ଅନୁସାରେ ଗଞ୍ଜାମ ପୋଲିସ ଜିଲ୍ଲାରେ ଗୋଟିଏ ବର୍ଷରେ ୧୮ ହଜାର ୮୯ ଅପରାଧିକ ମାମଲା ରୁଜୁ ହୋଇଛି ।

ଏସବୁ ଅପରାଧିକ ମାମଲା ଯୋଗୁଁ ଜିଲ୍ଲାରେ ଅଶାନ୍ତି ବଢ଼ିବାରେ ଲାଗିଛି । ସବୁବେଳେ ଭୟର ବାତାବରଣ ରହୁଛି । ତେବେ କେବେ ଜିଲ୍ଲାର ଆଇନଶୃଙ୍ଖଳା ସ୍ଥିତି ସୁଧୁରିବ । ସରକାର ଏ ଦିଗରେ କଣ ପଦକ୍ଷେପ ନେଉଛନ୍ତି । ଏଭଳି ଅନେକ ପ୍ରଶ୍ନ ଉଠୁଛି । ସରକାର ଏ ଦିଗରେ ତୁରନ୍ତ ପଦକ୍ଷେପ ନେଇ ଜିଲ୍ଲାରେ ଶାନ୍ତି ଫେରାଇ ଆଣିବାର ଆବଶ୍ୟକତା ରହିଛି ।

# ଜୟପୁର ବିଧାନସଭା: ପରିବର୍ତ୍ତନ ଅପରିହାର୍ଯ୍ୟ

ପିନ୍ ବାର୍ତ୍ତା: ଓଡ଼ିଶାର କୋରାପୁଟ ଜିଲ୍ଲାର ଜୟପୁର ବିଧାନସଭା ଆସନ ଦୀର୍ଘ ଦଶନ୍ଧି ଧରି ଏକ ଅଜବ ରାଜନୈତିକ ଚକ୍ରବ୍ୟୂହ ଭିତରେ ଛନ୍ଦି ହୋଇ ରହିଛି । ଏଠାରେ ନିର୍ବାଚନ ଆସେ, ନେତା ବଦଳନ୍ତି କିମ୍ବା ପୁଣି ସେହି ଚିରାଚରିତ ମୁହଁ ଜିତନ୍ତି, ମାତ୍ର ଅଞ୍ଚଳର ମୂଳ ସମସ୍ୟା ଗୁଡ଼ିକ ସେହି ଅବିକଳ ଅବସ୍ଥାରେ ରହିଯାଏ । ରାଜନୈତିକ ବିଶ୍ଳେଷକମାନଙ୍କ ଭାଷାରେ ଏହାକୁ "ନିର୍ବାଚନୀ ବିଜୟ, କିନ୍ତୁ ବିକାଶରେ ପରାଜୟ" ବୋଲି ବର୍ଣ୍ଣନା କରାଯାଇପାରେ ।

୧୯୫୧ ମସିହାରୁ ଗଠିତ ଏହି ଆସନଟି ସର୍ବଦା କିଛି ନିର୍ଦ୍ଦିଷ୍ଟ ପ୍ରଭାବଶାଳୀ ନେତୃତ୍ୱଙ୍କ ବଳୟ ଭିତରେ ଘୂରି ବୁଲୁଛି । ପୂର୍ବତନ ନିର୍ବାଚନ ଫଳାଫଳକୁ ବିଶ୍ଳେଷଣ କଲେ ସ୍ପଷ୍ଟ ହୁଏ ଯେ, ଏଠାରେ ଭୋଟ୍ ଦେବା ବେଳେ ପ୍ରାର୍ଥୀଙ୍କ ବ୍ୟକ୍ତିଗତ ପ୍ରଭାବ କିମ୍ବା ଦଳୀୟ ସମୀକରଣକୁ ଅଧିକ ଗୁରୁତ୍ୱ ଦିଆଯାଏ, ଯାହା ଫଳରେ 'ଉନ୍ନୟନମୂଳକ କାର୍ଯ୍ୟ' ଗୌଣ ହୋଇପଡ଼େ ।

୨୦୨୪ ସାଧାରଣ ନିର୍ବାଚନରେ ପ୍ରାୟ ୭୭.୪୮% ଭୋଟ୍ ସାବ୍ୟସ୍ତ ହେବା ଏକଥା ପ୍ରମାଣ କରେ ଯେ, ଜୟପୁରର ଭୋଟରମାନେ ନିଜର ଗଣତାନ୍ତ୍ରିକ ଅଧିକାର ପ୍ରତି ଅତ୍ୟନ୍ତ ସଚେତନ । ମାତ୍ର ଦୁର୍ଭାଗ୍ୟର ବିଷୟ, ଏହି ଉଚ୍ଚ ମତଦାନ ହାରର ସୁଫଳ ସାଧାରଣ ଜନତାଙ୍କ ଜୀବନ ଶୈଳୀରେ କେବେହେଲେ ପ୍ରତିଫଳିତ ହୋଇପାରୁନାହିଁ ।

ଜୟପୁର ଏକ ଐତିହ୍ୟ ସମ୍ପନ୍ନ ସହର ହେଲେ ମଧ୍ୟ, ମୌଳିକ ସୁବିଧା ଯେପରିକି ଉନ୍ନତ ରାସ୍ତାଘାଟ, ଗୁଣାତ୍ମକ ଶିକ୍ଷା, ଆଧୁନିକ ଚିକିତ୍ସା ସେବା ଏବଂ ନିଯୁକ୍ତି ସୁଯୋଗ କ୍ଷେତ୍ରରେ ଏହା ଆଜି ବି ପଛୁଆ । ବିଶେଷକରି ଗ୍ରାମାଞ୍ଚଳ ଓ ଆଦିବାସୀ ବହୁଳ ଅଞ୍ଚଳରେ ରହୁଥିବା ଲୋକମାନଙ୍କ ସମସ୍ୟା ଅଧିକ ଜଟିଳ । ଏଠାରେ ନେତୃତ୍ୱର ଅଭାବ ନାହିଁ, ଅଭାବ ରହିଛି କେବଳ ସେହି ନେତୃତ୍ୱଙ୍କର ଦୃଢ଼ ଇଚ୍ଛାଶକ୍ତି ଓ ଦୂରଦୃଷ୍ଟି । ନିର୍ବାଚନ ସରିବା ପରେ ଜନସାଧାରଣଙ୍କ ସମସ୍ୟା ପ୍ରତି ପ୍ରଶାସନିକ ଉଦାସୀନତା ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଗଭୀର କ୍ଷୋଭ ସୃଷ୍ଟି କରିଛି । ଜୟପୁରର ରାଜନୀତିରେ ସବୁଠାରୁ ଚିନ୍ତାଜନକ ଦିଗଟି ହେଉଛି 'ବିକଳ୍ପହୀନତା' । ରାଜନୈତିକ ଦଳମାନେ ବାରମ୍ବାର ସେହି ପୁରୁଣା ଚେହେରାମାନଙ୍କୁ ପ୍ରାର୍ଥୀ କରିବା ଫଳରେ ଏଠାରେ ଏକ ରାଜନୈତିକ ଶୂନ୍ୟତା ସୃଷ୍ଟି ହୋଇଛି । ପ୍ରତିଦ୍ୱନ୍ଦ୍ୱିତା ବିନା ବିକାଶ ସମ୍ଭବ ନୁହେଁ । ଯେଉଁଠାରେ ନୂତନ ଚିନ୍ତାଧାରା ଓ ସତେଜ ନେତୃତ୍ୱର ପ୍ରବେଶ ବନ୍ଦ ହୋଇଯାଏ, ସେଠାରେ ଉନ୍ନତିର ଚକ ଅଟକି ଯିବା ସ୍ୱାଭାବିକ ।

ଆଜିର ଜୟପୁରକୁ ଆବଶ୍ୟକ ଏକ ନୂତନ ଦିଗଦର୍ଶନ । ଆଜିର ଯୁବପିଢ଼ି ଶିକ୍ଷିତ, ସଚେତନ ଏବଂ ପ୍ରଯୁକ୍ତିବିଦ୍ୟା ସହିତ ସମନ୍ୱୟ ରକ୍ଷା କରି ଚାଲିବାରେ ଦକ୍ଷ । ସେମାନେ ଯଦି ସକ୍ରିୟ ଭାବେ ରାଜନୀତିରେ ପ୍ରବେଶ କରନ୍ତି, ତେବେ ଶାସନ ବ୍ୟବସ୍ଥାରେ ଏକ ବୈପ୍ଳବିକ ପରିବର୍ତ୍ତନ ଆସିପାରିବ । ଦେଶର ଅନ୍ୟାନ୍ୟ ଅଞ୍ଚଳରେ ଯୁବ ନେତୃତ୍ୱ ଭୋଟରଙ୍କ ମାନସିକତାରେ ପରିବର୍ତ୍ତନ ଆଣି ସାରିଛନ୍ତି, ଯାହା ଜୟପୁର ପାଇଁ ମଧ ଏକ ପ୍ରେରଣା ହେବା ଉଚିତ ।






ରାଜନୈତିକ ଦଳମାନଙ୍କୁ ଯଦି ଜୟପୁରର ବିକାଶ ପାଇଁ ନିଜର ରଣନୀତି ବଦଳାଇବାକୁ ପଡ଼ିବ:

- ନୂତନତ୍ୱକୁ ପ୍ରାଧାନ୍ୟ: ପୁରୁଣା ସମୀକରଣକୁ ଭାଙ୍ଗି ଶିକ୍ଷିତ ଓ ଯୁବ ପ୍ରାର୍ଥୀଙ୍କୁ ସୁଯୋଗ ଦେବା ।
- ଏଜେଣ୍ଡା ଆଧାରିତ ରାଜନୀତି: ପ୍ରତିଶ୍ରୁତି ବଦଳରେ ସ୍ଥାନୀୟ ମୌଳିକ ସମସ୍ୟାକୁ ନିର୍ବାଚନର ମୁଖ୍ୟ ପ୍ରସଙ୍ଗ କରିବା ।
- ସମନ୍ୱିତ ବିକାଶ: ଆଦିବାସୀ ଓ ଗ୍ରାମୀଣ ଅଞ୍ଚଳକୁ ସହରାଞ୍ଚଳ ସହ ସମାନ ଗୁରୁତ୍ୱ ଦେବା ।

ଜୟପୁର ଆଜି ଏକ ଘଡ଼ିସନ୍ଧି ମୋଡ଼ରେ ଛିଡ଼ା ହୋଇଛି । ଜନସାଧାରଣ ଜାଗୃତ, କିନ୍ତୁ ନେତୃତ୍ୱର ସ୍ଥାଣୁତା ସେମାନଙ୍କ ଉତ୍ସାହକୁ ଦବାଇ ଦେଉଛି । ପ୍ରଭାବଶାଳୀ ନେତାଙ୍କର ପାରମ୍ପରିକ ଆବରଣରୁ ବାହାରି ଆସି ଏକ ନୂତନ ରାଜନୈତିକ ସଂସ୍କୃତି ଗଢ଼ିବା ସମୟର ଆହ୍ୱାନ । ଯୁବ ଶକ୍ତି ଯଦି ଆଜି ଆଗକୁ ଆସେ, ତେବେ ଜୟପୁର କେବଳ ରାଜନୈତିକ ମାନଚିତ୍ରରେ ନୁହେଁ, ବରଂ ବିକାଶର ଇତିହାସରେ ମଧ ଏକ ନୂତନ ଅଧ୍ୟାୟ ଲେଖିପାରିବ ।

# ଶ୍ରୀମନ୍ଦିର ରତ୍ନଭଣ୍ଡାର: 'ରହସ୍ୟ'ର ଅନ୍ତ ନା ରାଜନୈତିକ ବୟାନବାଜିର ନୂଆ ମୋଡ ?

**ପିନ୍ ବାର୍ତ୍ତା:** ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାରର ଗଣତି କାର୍ଯ୍ୟ ଏବେ ଓଡ଼ିଶାର ରାଜନୈତିକ ବାତାବରଣକୁ ସରଗରମ କରିଛି । ଦୀର୍ଘ ଦିନ ଧରି ରତ୍ନଭଣ୍ଡାରକୁ ନେଇ ଚାଲିଥିବା ସନ୍ଦେହ ଓ କଳ୍ପନାଜଳ୍ପନା ମଧ୍ୟରେ ଯେତେବେଳେ ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଗଲା ଯେ ୧୯୭୮ ମସିହାର ରେକର୍ଡ ସହିତ ବର୍ତ୍ତମାନର ଗଣତିରେ କୌଣସି ବିସଙ୍ଗତି ନାହିଁ, ସେତେବେଳେ ଏହା ଏକ ନୂଆ ରାଜନୈତିକ ବାଦବିବାଦକୁ ଜନ୍ମ ଦେଇଛି ।



ରତ୍ନଭଣ୍ଡାରର ଚାବି ହଜିବା ଏବଂ ସମ୍ପତ୍ତି ଚୋରି ହୋଇଯାଇଥିବା ନେଇ ପୂର୍ବରୁ ଯେଉଁ ଧରଣର ଆଲୋଚନା ଓ ପ୍ରଚାର କରାଯାଉଥିଲା, ବର୍ତ୍ତମାନ ତାହା ସୋସିଆଲ ମିଡିଆରେ ଭିନ୍ନ ମୋଡ଼ ନେଇଛି । ରାଜ୍ୟର ଶାସକ ଦଳ (ବିଜେପି) ପୂର୍ବରୁ ଏହି ପ୍ରସଙ୍ଗକୁ ଏକ ବଡ଼ ନିର୍ବାଚନୀ ପ୍ରସଙ୍ଗ କରିଥିଲା । ତେବେ, ଗଣତି ପରେ 'କିଛି ନ ମିଳିବା' ଅର୍ଥାତ୍ ସବୁକିଛି ସଠିକ୍ ଥିବା ପ୍ରମାଣିତ ହେବା ପରେ, ସୋସିଆଲ ମିଡିଆରେ ବିଜେପିକୁ ଅନେକ ପ୍ରଶ୍ନର ସମ୍ମୁଖୀନ ହେବାକୁ ପଡୁଛି । ନେଟିଜେନମାନେ ସିଧାସଳଖ ପଚାରୁଛନ୍ତି—ପୂର୍ବରୁ କରାଯାଇଥିବା ସେହି ସାଂଘାତିକ ଅଭିଯୋଗଗୁଡ଼ିକର ଆଧାର କଣ ଥିଲା ?




ଗତ ନିର୍ବାଚନ ସମୟରେ ରତ୍ନଭଣ୍ଡାର ପ୍ରସଙ୍ଗକୁ ନେଇ ଭି. କେ. ପାଣ୍ଡିଆନ ଏବଂ ତତ୍କାଳୀନ ବିଜେଡି ସରକାରଙ୍କୁ ବିଜେପି ପକ୍ଷରୁ ତୀବ୍ର ସମାଲୋଚନା କରାଯାଇଥିଲା । ବିଶେଷକରି ପାଣ୍ଡିଆନଙ୍କୁ ଟାର୍ଗେଟ୍ କରି ଅନେକ ଅଭିଯୋଗ ଅଣାଯାଇଥିଲା । ବର୍ତ୍ତମାନ ଫଳାଫଳ ସାମ୍ନାକୁ ଆସିବା ପରେ, ପାଣ୍ଡିଆନଙ୍କ ସମର୍ଥକମାନେ ଆକ୍ରମଣାତ୍ମକ ମୁଦ୍ରାରେ ଅଛନ୍ତି । ସେମାନଙ୍କର ଯୁକ୍ତି ହେଉଛି:

- **ରାଜନୈତିକ ଦ୍ୱେଷ:** ପାଣ୍ଡିଆନଙ୍କୁ ବଦନାମ କରିବା ପାଇଁ ଏହା ଏକ ପୂର୍ବନିର୍ଦ୍ଧାରିତ ଷଡ଼ଯନ୍ତ୍ର ଥିଲା ।
- **ମିଛ ପ୍ରଚାର:** କୌଣସି ପ୍ରମାଣ ନଥାଇ କେବଳ ରାଜନୈତିକ ଫାଇଦା ପାଇଁ ଭକ୍ତଙ୍କ ଆସ୍ଥାକୁ ବ୍ୟବହାର କରାଯାଇଥିଲା ।
- **କ୍ଷମା ପ୍ରାର୍ଥନା ଦାବି:** ସମର୍ଥକମାନେ ସୋସିଆଲ ମିଡିଆରେ ଦାବି କରୁଛନ୍ତି ଯେ, ଯେଉଁମାନେ ପୂର୍ବରୁ ଏହି ପ୍ରସଙ୍ଗରେ ବିଭ୍ରାନ୍ତି ସୃଷ୍ଟି କରିଥିଲେ, ସେମାନେ ଏବେ ଜନସାଧାରଣଙ୍କୁ ଉତ୍ତର ଦିଅନ୍ତୁ ।

ଏହି ଘଟଣା ଏବେ ଶାସକ ଦଳ ପାଇଁ ଏକ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି । ବିରୋଧୀଙ୍କ ପାଇଁ ଏହା ଏକ ମୁଖ୍ୟ ଅସ୍ତ୍ର ପାଲଟିଛି, ଯେଉଁମାନେ ବିଜେପିକୁ 'ମିଛ ପ୍ରତିଶ୍ରୁତି' ଓ 'ବିଭ୍ରାନ୍ତିକର ତଥ୍ୟ' ପାଇଁ ସମାଲୋଚନା କରୁଛନ୍ତି । ରାଜନୈତିକ ବିଶ୍ଲେଷକଙ୍କ ମତରେ, ଧର୍ମୀୟ ସମ୍ବେଦନଶୀଳ ପ୍ରସଙ୍ଗରେ ରାଜନୀତି କରିବାର ପରିଣାମ ଏବେ ସରକାରଙ୍କୁ ଭୋଗିବାକୁ ପଡ଼ିପାରେ ।

ରତ୍ନଭଣ୍ଡାରର ପବିତ୍ରତା ଅକ୍ଷୁର୍ଣ୍ଣ ରହିଥିବା ଜାଣିବା ଭକ୍ତଙ୍କ ପାଇଁ ଯେତିକି ଆଶ୍ୱସ୍ତିର ବିଷୟ, ଏହାକୁ ନେଇ ହୋଇଥିବା ପୂର୍ବତନ ରାଜନୈତିକ ବୟାନବାଜି ଏବେ ସରକାରଙ୍କ ବିଶ୍ୱସନୀୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଆଗାମୀ ଦିନରେ ବିଜେପି ଏହାର ମୁକାବିଲା କିପରି କରୁଛି, ତାହା ହିଁ ଦେଖିବାକୁ ବାକି ରହିଲା ।

“ରତ୍ନଭଣ୍ଡାରର ପବିତ୍ରତା ଅକ୍ଷୁର୍ଣ୍ଣ ରହିଥିବା ଜାଣିବା ଭକ୍ତଙ୍କ ପାଇଁ ଯେତିକି ଆଶ୍ୱସ୍ତିର ବିଷୟ, ଏହାକୁ ନେଇ ହୋଇଥିବା ପୂର୍ବତନ ରାଜନୈତିକ ବୟାନବାଜି ଏବେ ସରକାରଙ୍କ ବିଶ୍ୱସନୀୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଆଗାମୀ ଦିନରେ ବିଜେପି ଏହାର ମୁକାବିଲା କିପରି କରୁଛି, ତାହା ହିଁ ଦେଖିବାକୁ ବାକି ରହିଲା ।”

## ଲୋକସେବା ଭବନରୁ ନନ୍ଦନକାନନ

# ବିରଳ ଆଲବିନୋ କଇଁଛର କାହାଣୀ

**ପିନ୍ ବାର୍ତ୍ତା:** ୨୦୧୭ ମସିହାରେ ଭୁବନେଶ୍ୱରର ସେକ୍ରେଟାରୀଏଟ (ବର୍ତ୍ତମାନ ଲୋକସେବା ଭବନ)ରୁ ଏକ ବିରଳ ଆଲବିନୋ କଇଁଛ ଉଦ୍ଧାର ହେବା ଘଟଣା ଆଜିଯାଏ ସ୍ମୃତିରେ ତାଜା ଅଛି । ସାଧାରଣ ଘଟଣା ନୁହେଁ, ଏହା ଓଡ଼ିଶାର ପ୍ରଶାସନ ଓ ବନ୍ୟପ୍ରାଣୀ ସୁରକ୍ଷା ପ୍ରତି ଏକ ସୁନ୍ଦର ସମନ୍ୱୟର ଉଦାହରଣ ହୋଇ ରହିଛି । ସ୍ନେକ ହେଲ୍ପଲାଇନ ର ଜେନେରାଲ ସେକ୍ରେଟାରୀ ଶୁଭେନ୍ଦୁ ମଲ୍ଲିକ ଏ ସମ୍ପର୍କରେ ନିଜ ଫେସବୁକ ପେଜ ରେ ଖୁବ ସୁନ୍ଦର ଭାବେ ବର୍ଣ୍ଣନା କରିଛନ୍ତି ।

ସେ ସମୟରେ ଓଡ଼ିଶାର ବନ ବିଭାଗ ଓ ପରେ ମୁଖ୍ୟ ଶାସନ ସଚିବ ଭାବେ କାର୍ଯ୍ୟ କରି ଅବସର ନେଇଥିବା ଜଣେ ସୁଦକ୍ଷ ଆଇଏଏସ ଅଧିକାରୀ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଭୂମିକା ଉଲ୍ଲେଖନୀୟ ଥିଲା ବୋଲି ଶୁଭେନ୍ଦୁ ମଲ୍ଲିକ ସୂଚନା ଦେଇଛନ୍ତି । ବନ୍ୟପ୍ରାଣୀମାନଙ୍କ ପ୍ରତି ତାଙ୍କର ଦରଦ ଥିବା ବେଳେ ସେମାନଙ୍କ ସୁରକ୍ଷା ପ୍ରତି ସଚେତନ ମଧ୍ୟ ଥିଲେ ।

ସୂଚନାଯୋଗ୍ୟ, ୨୦୧୭ ଅଗଷ୍ଟ ୩୧ ତାରିଖରେ ଲଗାତର ବର୍ଷା ଯୋଗୁଁ ଭୁବନେଶ୍ୱରର ଅନେକ ଡ୍ରେନ୍ ପାଣିରେ ଭରିଯାଇଥିଲା । ଏହି ପରିସ୍ଥିତିରେ ସେକ୍ରେଟାରୀଏଟ୍ ଭିତରକୁ ଏହି କଇଁଛଟି ଖୋଲା ଡ୍ରେନ୍ ମାଧ୍ୟମରେ ପ୍ରବେଶ କରିଥିବା ଅନୁମାନ କରାଯାଇଥିଲା । ଆଖପାଖ ଅଞ୍ଚଳରେ ଥିବା ଜଳାଶୟ, ବିଶେଷ କରି ନିକୋ ପାର୍କ ଓ ସହିଦନଗରରୁ ସଂଯୋଗ ହୋଇଥିବା ଡ୍ରେନ ମାଧ୍ୟମରେ ଆସିଥିବାର ସମ୍ଭାବନା ଥିଲା ।




ଏହି ବିରଳ ପ୍ରଜାତିର କଇଁଛକୁ କେଉଁଠି ଛଡ଼ାଯିବ, ସେ ନେଇ ଚର୍ଚ୍ଚା ହୋଇଥିଲା । ଶେଷରେ ସୁରକ୍ଷିତ ଭାବରେ ନନ୍ଦନକାନନ ଜୁଲୋଜିକାଲ ପାର୍କରେ ରଖିବାକୁ ନିଷ୍ପତ୍ତି ନିଆଯାଇଥିଲା । ଶ୍ରୀ ମହାପାତ୍ର ନିଜେ ଏହାର ବ୍ୟବସ୍ଥା କରିବା ସହ ନନ୍ଦନକାନନ ନିର୍ଦ୍ଦେଶକଙ୍କୁ ଫୋନ୍ କରି ଏହାକୁ ଦର୍ଶକମାନଙ୍କ ପାଇଁ ସଂରକ୍ଷଣ କରିବାକୁ କହିଥିଲେ ।

“୨୦୧୭ ଅଗଷ୍ଟ ୩୧ ତାରିଖରେ ଲଗାତର ବର୍ଷା ଯୋଗୁଁ ଭୁବନେଶ୍ୱରର ଅନେକ ଡ୍ରେନ୍ ପାଣିରେ ଭରିଯାଇଥିଲା । ଏହି ପରିସ୍ଥିତିରେ ସେକ୍ରେଟାରୀଏଟ୍ ଭିତରକୁ ଏହି କଇଁଛଟି ଖୋଲା ଡ୍ରେନ୍ ମାଧ୍ୟମରେ ପ୍ରବେଶ କରିଥିବା ଅନୁମାନ କରାଯାଇଥିଲା । ଆଖପାଖ ଅଞ୍ଚଳରେ ଥିବା ଜଳାଶୟ, ବିଶେଷ କରି ନିକୋ ପାର୍କ ଓ ସହିଦନଗରରୁ ସଂଯୋଗ ହୋଇଥିବା ଡ୍ରେନ ମାଧ୍ୟମରେ ଆସିଥିବାର ସମ୍ଭାବନା ଥିଲା । ଏହି ବିରଳ ପ୍ରଜାତିର କଇଁଛକୁ କେଉଁଠି ଛଡ଼ାଯିବ, ସେ ନେଇ ଚର୍ଚ୍ଚା ହୋଇଥିଲା । ଶେଷରେ ସୁରକ୍ଷିତ ଭାବରେ ନନ୍ଦନକାନନ ଜୁଲୋଜିକାଲ ପାର୍କରେ ରଖିବାକୁ ନିଷ୍ପତ୍ତି ନିଆଯାଇଥିଲା । ଶ୍ରୀ ମହାପାତ୍ର ନିଜେ ଏହାର ବ୍ୟବସ୍ଥା କରିବା ସହ ନନ୍ଦନକାନନ ନିର୍ଦ୍ଦେଶକଙ୍କୁ ଫୋନ୍ କରି ଏହାକୁ ଦର୍ଶକମାନଙ୍କ ପାଇଁ ସଂରକ୍ଷଣ କରିବାକୁ କହିଥିଲେ ।”

ଆଜି ସେହି ଧଳା କଇଁଛ ନନ୍ଦନକାନନର ରେପ୍ଟାଇଲ୍ ପାର୍କରେ ଏକ ମୁଖ୍ୟ ଆକର୍ଷଣ ଭାବେ ରହିଛି । ଏହାର କିଛି ବର୍ଷ ପରେ ଭଦ୍ରକ ଜିଲ୍ଲାରୁ ଉଦ୍ଧାର ହୋଇଥିବା ଆଲବିନୋ ରଣା ସାପକୁ ନନ୍ଦନକାନନରେ ଛାଡ଼ିବା ବେଳେ ପୁଣିଥରେ ଶୁଭେନ୍ଦୁ ମଲ୍ଲିକଙ୍କର ସେହି ପୁରୁଣା ସ୍ମୃତି ମନେ ପଡିଯାଇଥିଲା । ଏହି ଘଟଣା କେବଳ ଏକ ବିରଳ ପ୍ରାଣୀ ଉଦ୍ଧାରର କାହାଣୀ ନୁହେଁ, ବରଂ ପ୍ରଶାସନିକ ସଚେତନତା, ବନ୍ୟପ୍ରାଣୀ ପ୍ରତି ସମ୍ବେଦନଶୀଳତା ଓ ଠିକ୍ ସମୟରେ ଠିକ୍ ନିଷ୍ପତ୍ତିର ଏକ ଉଦାହରଣ ।

ଦେଖ୍ଣା ବାଣ



ସୁଦାମ ଶେଖର

## ବଜାରରେ ଫଳ ନୁହେଁ, ବିଷ ବିକ୍ରି ଚାଲିଛି !



ଦେଶ ସବୁ କ୍ଷେତ୍ରରେ ଆଗକୁ ଆଗକୁ ବଢୁଛି । ବିଂଶ ଶତାବ୍ଦୀରୁ ଏକବିଂଶ ଶତାବ୍ଦୀର ଏକ ଚଉଠ ଅତିକ୍ରମ କରି ସାରିଲାଣି । ଲୋକେ ବି ନୂଆ ନୂଆ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ କରି ଅନେକ ଚମତ୍କାର ଦେଖିଲେଣି, ଦେଖେଇଲେଣି । କୃଷି କ୍ଷେତ୍ରରେ ଅପୂର୍ବ ସଫଳତା ପାଇ ସାରିଲେଣି । ହାଇବ୍ରିଡ଼ ଓ ହରମୋନଯୁକ୍ତ ଫଳ ମଧ୍ୟ ଉତ୍ପାଦନ କଲେଣି । ମଣିଷକୁ ପୋକମାଛି ଭଳି ଦେଖିବା ମଧ୍ୟ ବଢିଛି । ଅଧିକ ଲାଭ ପାଇଁ ଫସଲ ଓ ଫଳରେ ବିଭିନ୍ନ କୀଟନାଶକ ପଦାର୍ଥ ପୂର୍ବରୁ ପକାଉଥିଲେ । ଏବେ ବିଭିନ୍ନ ବିଷ ପକେଇ ଫଳ ଫସଲ କୁ ଅଧିକା ଦିନ ସଂରକ୍ଷଣ ଓ ସୁଆଦିଆ କରିବା ଦେଖିବାକୁ ମିଳୁଛି । ଅନେକ ସମୟରେ ତରଭୁଜ, ଆମ୍ବ , କଦଳୀ, ଲିଚୁ, କମଳା, ସେଓ ଆଦିରେ ଇଂଜେକସନ ଦେଇ ପଚେଇବା ଓ ମହମ ଲଗେଇ ତାକୁ ସୁରକ୍ଷିତ କରି ବ୍ୟବସାୟ କରିବା ଦେଖିବାକୁ ମିଳୁଛି । ଚଢ଼ା ଦରରେ ବିକ୍ରି କରି ବି ଚାଲୁଛି । ସରକାର କେବଳ ଉଦ୍ୟାନ କୃଷି କରିବା ପାଇଁ ଉତ୍ସାହିତ କରନ୍ତି ସିନା, କୌଣସି ପ୍ରକାର ତଦନ୍ତ କି ଲ୍ୟାବ ପରୀକ୍ଷା ବି କରନ୍ତି ନାହିଁ । ଲୋକେ ନିଜ ଆବଶ୍ୟକତା ପୂରଣ ପାଇଁ ବଜାରରୁ ଫଳ କିଣିବା ନାମରେ ବିଷ ହିଁ କିଣି ଖାଆନ୍ତି । ରୋଗୀ, ଶିଶୁ, ଲୋକେ ମରନ୍ତୁ, କିନ୍ତୁ ସେମାନେ ମାଲାମାଲ ହୁଅନ୍ତୁ । ସରକାର ଅନ୍ଧ ପୁଟୁଳି ବାନ୍ଧି ବସିଥାନ୍ତୁ ।

## ହାର ମାନୁନାହାନ୍ତି ବିଜୟ ଓ ସୌମ୍ୟ



ଗତ ରାଜ୍ୟସଭା ନିର୍ବାଚନରେ ବିଜୟ ମହାପାତ୍ରଙ୍କ ଭୂମିକା କଣ ଥିଲା ସମସ୍ତେ ଊଣା ଅଧିକେ ଜାଣିଛେ । ସୌମ୍ୟ ବାବୁ ବି ବିଜୁ ଲେଗାସୀରେ ଲମ୍ଫ ଦେଇ ଉଭୟ ଗୋଟିଏ ମଞ୍ଚ ଗଠନ କରି ସାରିଲେଣି । ଉଭୟ ଅନେକ ସଂଘର୍ଷ କରିଛନ୍ତି ରାଜନୀତିରେ । ସଫଳତା କମ କିନ୍ତୁ ପରିଚୟ ଅଧିକ ସୃଷ୍ଟି କରିଛନ୍ତି ଉଭୟେ । କାରଣ ହେଲା ଉଭୟେ କୌଣସି ଶୃଙ୍ଖଳାରେ ରହନ୍ତି ନାହିଁ । ହମ ବଡ଼ା ନୀତିରେ ଯା'ନ୍ତି । କାହା କଥା ଶୁଣିବା ଅପେକ୍ଷା ଅଧିକା କହନ୍ତି । ଏହା ଉଭୟଙ୍କ ସ୍ୱାତନ୍ତ୍ର୍ୟ । ଅବଶ୍ୟ ଉଭୟେ ବାଗ୍ମୀ । ଚତୁର ବି । ତେଣୁ ନବୀନ ବାବୁଙ୍କ ପ୍ରତି ଆକ୍ରୋଶ ରଖି ଏବେ ବିଜୟ ବାବୁ ଲେଗାସି ଗଠନ କରିଛନ୍ତି ।କଂଗ୍ରେସ ପ୍ରତି ତାଙ୍କର ପୁରୁଣା ରାଗ ବି ଥାଇପାରେ । ସୌମ୍ୟ ବାବୁ ସହଜେ ନିରଞ୍ଜନ ବାବୁଙ୍କର ଭାଇ । ଜାନକୀ ବାବୁଙ୍କର ଜ୍ୱାଇଁ ପୁଅ । ନିରଞ୍ଜନ ବାବୁଙ୍କୁ କଂଗ୍ରେସ ହାତ ଛାଡିବା ରାଗରେ ସେ ବି କଂଗ୍ରେସ ଲେଗାସି ଗଠନ କରିଛନ୍ତି । ଉଭୟ ମିଶି ବିଜୁ ଜନତା ଦଳ ଓ କଂଗ୍ରେସ ର ପୁରୁଣା ଲୋକଙ୍କୁ ନେଇ ଓଡିଶା ସ୍ୱାଭିମାନ ମଞ୍ଚ ଗଠନ କରିଛନ୍ତି । ଆୟୁ ସରିଆସୁ ଚଳିବ, ହାରିବେ ନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି । ଆଗକୁ କୌଣସି ଗୁରୁତ୍ୱପୂର୍ଣ୍ଣ ଇଚ୍ଛା ପୂରଣ କରିବା ଲକ୍ଷ୍ୟ ଅଧିକ ଥିବା ପରି ମନେ ହୁଏ । ବିଜୁ ବାବୁଙ୍କ ଅନ୍ତେ ବିଜୟ ବାବୁ ନବୀନ ପଟ୍ଟନାୟକଙ୍କୁ ରାଜନୀତିକୁ ଆଣି ତାଙ୍କ କର୍ତ୍ତବ୍ୟ ପାଳନ କରିଥିଲେ । କିନ୍ତୁ ସୌମ୍ୟ ବାବୁ ଜାନକୀବଲ୍ଲଭ ପଟନାୟକଙ୍କ ଅନ୍ତେ ପୃଥ୍ୱୀବଲ୍ଲଭଙ୍କୁ ରାଜନୀତିକୁ ଆଣି ନ ଥିଲେ ।

## ପିଲାଙ୍କ ଅଭିଭାବକଙ୍କ ପ୍ରତି ପଦେ

ଆମ ପିଲା ସ୍କୁଲରେ ପାଠ ପଢ଼େଇବା ଓ ଉତ୍ତମ ନାଗରିକ ସୃଷ୍ଟି କରିବା ଆମମାନଙ୍କ କର୍ତ୍ତବ୍ୟ । ଏଥିପାଇଁ ଆମେ ସଂସ୍କାର, ସଂସ୍କୃତି ସହିତ ପିଲାମାନେ କିଭଳି ଚାଲାକ ବି ହେବେ ଆମେ ଧ୍ୟାନ ଦେବା ଆବଶ୍ୟକ । ଆମେ କିନ୍ତୁ ପିଲାଟି କେମିତି ନାମକରା ସ୍କୁଲରେ କିମ୍ବା ଦାମୀ ସ୍କୁଲରେ ପାଠ ପଢିବ, ସେହି ମାନସିକତାରେ ପିଲାଙ୍କୁ ବିଗାଡିବା ଆରମ୍ଭ କରୁଛୁ । ଆମ ପିଲା ଯେନତେନ ପ୍ରକାରେ ଅଧିକା ମାର୍କ ଆଣୁ, ଏହି ଲକ୍ଷ୍ୟରେ ଆମେ ପିଲାଙ୍କୁ ବିଭିନ୍ନ ଦାମୀ ସ୍କୁଲ କଲେଜ କୁ ପଠେଇ ବଡ଼ ଧରଣର ଠକେଇର ଶିକାର ହେଉଛୁ । ପିଲାମାନେ ନିଜ ସ୍ୱାସ୍ଥ୍ୟ ପ୍ରତି ବି ଯତ୍ନ ନ ନେଇ କେମିତି କଣ କଲେ ସମସ୍ତଙ୍କ ଠାରୁ ଅଧିକ ମାର୍କ ଆଣିବ, ତାହା ତାଙ୍କର ମାନସିକ ଅବସ୍ଥାକୁ ବିଗାଡ଼ି ଦେଉଛି । ନୈତିକ ଶିକ୍ଷା ବଳରେ , ପୌଷ୍ଟିକ ଖାଦ୍ୟ ବଳରେ, ଉପଯୁକ୍ତ ପରିବେଶ ବଳରେ ପିଲାଙ୍କୁ ଶକ୍ତିଶାଳୀ କରନ୍ତୁ । ଦେଖିବେ ସେମାନେ ବଡ଼ ହେଲେ ଉତ୍ତମ ନାଗରିକ ହେବା ସହ ଆପଣମାନଙ୍କ ସେବା ଯତ୍ନ ବି କରିବେ । ପିଲାଙ୍କଠାରେ ଠିକ ଭୁଲ ଚିନ୍ତା କରିବା ଶକ୍ତି କେବଳ ବାପା ମା' ଓ ଶିକ୍ଷକ ହିଁ ବୃଦ୍ଧି କରିପାରିବେ । ଏଥିପାଇଁ ଉତ୍ତମ ପୁସ୍ତକର ବ୍ୟବସ୍ଥା କରନ୍ତୁ । ବହି ବଦଳରେ ମୋବାଇଲ ଧରିଲେ, ଖେଳ ବଦଳରେ ମୋବାଇଲ ଗେମ ଖେଳିଲେ ପିଲାମାନେ ମାନସିକ ଶାରୀରିକ ସ୍ତରରେ କେମିତି ସୁଦୃଢ଼ ହେବେ ? ମାନସିକ ଓ ଶାରୀରିକ ସ୍ତରରେ ସୁଦୃଢ଼ ହେବାକୁ ହିଁ ଆଜିର ଦିନରେ ସ୍ମାର୍ଟ ବୋଲି କହିବା । ପିଲାଙ୍କୁ ପ୍ରତିଯୋଗିତା ପ୍ରବଣ ନ କରି ଆତ୍ମପ୍ରତିଯୋଗୀ କରେଇବା ସର୍ବୋତ୍ତମ । ପିଲାଟିକୁ ଅନ୍ୟ କାହାସହ ତୁଳନା କରି ଅପମାନିତ କରନ୍ତୁ ନାହିଁ । ପିଲାଟି ଶେଷରେ ମିଳିମିଶି ନ ରହି ପ୍ରତିହିଂସା ପରାୟଣ ହେଇଯିବା ସମ୍ଭାବନା ଅଧିକ ରହିଛି । ପିଲାଙ୍କୁ ଉତ୍ତମ ନାଗରିକ ରୂପେ ଗଢ଼ିବା ପାଇଁ ସର୍ବୋତ୍ତମ ଚେଷ୍ଟା ନିଜ ଘରୁ ଆରମ୍ଭ କରନ୍ତୁ । ପିଲାଙ୍କୁ ଉତ୍ସାହିତ କରନ୍ତୁ ଭଲ ମଣିଷ ହେବା ପାଇଁ । ଦେଖିବେ, ବଡ଼ ହେଲେ ସେ ବହୁତ ଆଗକୁ ଯିବ ।




## ମଣିପୁର ସମ୍ଭାଳି ପାରୁନାହାଁନ୍ତି ସରକାର !



କେନ୍ଦ୍ରରେ ବିଜେପି ସରକାର । ମୋଦି ଏବଂ ଶାହ ଭଳି ନେତାଙ୍କ ହାତରେ ସରକାର । ପଡୋଶୀ ପାକିସ୍ତାନ କୁ ପାନେ ଦେଇପାରୁଥିବା ମୋଦି ସରକାର, ମଣିପୁରରେ ଲାଗିଥିବା ଗଣ୍ଡଗୋଳ କୁ ଶାନ୍ତ କରିପାରୁ ନାହାନ୍ତି । ସହଜରେ ସେଇଠି ବି ସମଭାବାପନ୍ନ ସରକାର । ମଇତି ଓ କୁକିଙ୍କ ମଧ୍ୟରେ ଅଶାନ୍ତି । ମଣିପୁର ଏକ ଛୋଟ ରାଜ୍ୟ ହୋଇପାରେ । କିନ୍ତୁ ସେଠାରେ ନିଆଁ ବହୁତ ବଡ଼ । ମୋଦି ସରକାରଙ୍କୁ ନାକେଦମ କଲାଣି ଏ ଦୀର୍ଘଦିନର ନିଆଁ। ସବୁଠାରୁ ବଡ଼ କଥା ହେଲା ସେମାନଙ୍କ ହାତରେ ଅସ୍ତ୍ରଶସ୍ତ୍ର । ଏଭଳି ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ସେମାନଙ୍କ ପାଖକୁ କେମିତି ଆସୁଛି ? ସରକାର ଭାରତରୁ ନକ୍ସଲବାଦ ବିଲୋପ କରିବା ଶ୍ରେୟ ନେଉଛନ୍ତି, ଅଥଚ ମଣିପୁରରେ ସାଧାରଣ ନାଗରିକ ସୁରକ୍ଷିତ ନୁହେଁ କାହିଁକି ? କେବେ ଫେରିବ ଶାନ୍ତି ? କିଏ ଏଠି ଉସୁକାଉଛି ? ମଣିପୁର ଭୌଗୋଳିକ ଦୃଷ୍ଟିରୁ ଭାରତ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ ରାଜ୍ୟ । ଏଠାରେ ପାହାଡ଼ ପର୍ବତ ଘେରା ଏ ରାଜ୍ୟରେ ଶାନ୍ତି କିମ୍ବା ଅପରେସନ କରିବା ଏକ ଚାଲେଞ୍ଜ । ଏହି ଚାଲେଞ୍ଜକୁ ସରକାର ସୁରକ୍ଷା ଦୃଷ୍ଟିରୁ ଗୁରୁତର ସହିତ ବିଚାର କରିବା ଆବଶ୍ୟକ । ମଣିପୁରରେ ଅଶାନ୍ତି ଦେଶରେ ସୁରକ୍ଷା ପ୍ରତି ବଡ଼ ବିପଦ। ଏହାକୁ ନେଇ ବିରୋଧୀ ଦଳ ଅନେକ ଥର ସରକାରଙ୍କୁ ବି ଘେରିଲେଣି । ସରକାର ଯାହା ପଦକ୍ଷେପ ନେଉଛନ୍ତି ସବୁ କାହିଁକି ଫସରଫାଟି ଯାଉଛି ? ସରକାର କେବେ ଶାନ୍ତି ଫେରାଇବେ ? ଏଭଳି ଅନେକ ପ୍ରଶ୍ନ ସାଧାରଣ ଲୋକଙ୍କ ମନରେ ଉଙ୍କି ମାରୁଚି। ମଣିପୁରରେ ଶାନ୍ତି କେବେ ଫେରିବ, ପୁଣି ଆମ ପ୍ରଶ୍ନ ।

# ଓଡ଼ିଶା ନାଗରିକ ମଞ୍ଚ-ବିଜେଡି ଉପରେ ଗରମ, ବିଜେପି ପାଇଁ ନରମ

**ପିନ୍ ବାର୍ତ୍ତା:** ପ୍ରବାଦ ପୁରୁଷ ବିଜୁ ବାବୁଙ୍କୁ ଭଲ ପାଉଥିବା ରାଜନେତା, ସାହିତ୍ୟିକ, ପ୍ରଶାସକ, ସାମ୍ବାଦିକମାନେ ଗୋଟିଏ ମଞ୍ଚରେ ଏକାଠି ହୋଇ ଓଡ଼ିଶା ଓ ଓଡ଼ିଆଙ୍କ ସ୍ୱର ପାଲଟିବା ଲକ୍ଷ୍ୟରେ ଓଡ଼ିଶା ନାଗରିକ ମଞ୍ଚ ଗଠନ ହୋଇଥିବା ଚର୍ଚ୍ଚା ହେଉଛି। ତେବେ ବିଜୟ ମହାପାତ୍ର, ପ୍ରଭାତ ତ୍ରିପାଠୀ, ଅମର ପ୍ରସାଦ ଶତପଥୀ, ସୌମ୍ୟରଞ୍ଜନ ପଟ୍ଟନାୟକ ଏହି ମଞ୍ଚର ମୁଖ୍ୟ ପୁରୋଧା । ଏହାର ପ୍ରଥମ ବୈଠକ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସରେ ଅନୁଷ୍ଠିତ ହୋଇଥିବା ବେଳେ ପରବର୍ତ୍ତୀ ବୈଠକ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସରେ ହୋଇଥିଲା । ନିଜକୁ ବିଜୁ ଲିଗାସୀର ନେତା କହୁଥିବା ବେଳେ ଉଭୟଙ୍କ ଶ୍ରାଦ୍ଧ ଦିବସରେ ବୈଠକ କଲେ କେମିତି ।

ସେ ଯାହା ବି ହେଉ ନା କାହିଁକି, ଆଶ୍ଚର୍ଯ୍ୟର କଥା ହେଉଛି, କୌଣସି ବି ବୈଠକରେ ସରକାରଙ୍କୁ ଏମାନେ ବିରୋଧ କରୁନାହାନ୍ତି । ସରକାର କଣ ଭୁଲ



**"ଏହି ଦଳର ମୁଖ୍ୟ ଏଜେଣ୍ଡା ବିଜେଡି ଓ ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ଟାର୍ଗେଟ କରିବା ଭଳି ମନେ ହେଉଛି ସବୁବେଳେ ବିରୋଧୀ ଦଳ ଉପରେ ଦୋଷ ଲଦୁଥିବା ଦେଖିବାକୁ ମିଳୁଛି । ଓଡ଼ିଶା ନାଗରିକ ମଞ୍ଚ ନାଁରେ ବିଜେଡି ଉପରେ ନିଜର ବ୍ୟକ୍ତିଗତ ରାଗ ସୁଝାଉଛନ୍ତି । ଯଦି ବାସ୍ତବରେ ଓଡ଼ିଶାବାସୀଙ୍କ ପାଇଁ ମଞ୍ଚ ଗଠନ ହୋଇଥାନ୍ତା, ଲୋକଙ୍କ ପାଇଁ ସରକାର ବିରୋଧରେ ଲଢ଼ିଥାନ୍ତେ । କିନ୍ତୁ ବିଜେଡିରୁ ତଡ଼ା ଖାଇ ପ୍ରତିଶୋଧ ପରାୟଣ ହୋଇ କେବଳ ବିଜେଡି ଉପରେ ବର୍ଷୁଛନ୍ତି। ଏହାଦ୍ୱାରା ଲୋକଙ୍କର କଣ ସୁବିଧା ହେବ ।"**

ନିଷ୍ପତ୍ତି ନେଉଛନ୍ତି, କିଭଳି ସାଧାରଣ ଲୋକଙ୍କୁ ଠକୁଛନ୍ତି, ପ୍ରଶାସନିକ ସ୍ତରରେ କିଭଳି ଭାବେ ସୁଧାର ଆସିବ ସେ ବିଷୟରେ କୌଣସି ଆଲୋଚନା ହେଉନାହିଁ । ନିଜକୁ ଓଡ଼ିଶା ନାଗରିକ ମଞ୍ଚ କହୁଥିବା ବେଳେ ଓଡ଼ିଶାବାସୀ ବା ସାଧାରଣ ଲୋକଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦିଆଯାଉନାହିଁ । କେବଳ ନିଜ ସ୍ୱାର୍ଥ ଦୃଷ୍ଟିରୁ ମଞ୍ଚ ଗଠନ କରି ଲୋକଙ୍କ ନାଁରେ ପାରି ହେବା ସାର ହେଉଛି ।

ଏମାନଙ୍କର ମୁଖ୍ୟ ଏଜେଣ୍ଡା ବିଜେଡି ଓ ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ଟାର୍ଗେଟ କରିବା ଭଳି ମନେ ହେଉଛି । ସବୁବେଳେ ବିରୋଧୀ ଦଳ ଉପରେ ଦୋଷ ଲଦୁଥିବା ଦେଖିବାକୁ ମିଳୁଛି । ଓଡ଼ିଶା ନାଗରିକ ମଞ୍ଚ ନାଁରେ ବିଜେଡି ଉପରେ ନିଜର ବ୍ୟକ୍ତିଗତ ରାଗ ସୁଝାଉଛନ୍ତି । ଯଦି ବାସ୍ତବରେ ଓଡ଼ିଶାବାସୀଙ୍କ ପାଇଁ ମଞ୍ଚ ଗଠନ ହୋଇଥାନ୍ତା, ଲୋକଙ୍କ ପାଇଁ ସରକାର ବିରୋଧରେ ଲଢ଼ିଥାନ୍ତେ। କିନ୍ତୁ ବିଜେଡିରୁ ତଡ଼ା ଖାଇ ପ୍ରତିଶୋଧ ପରାୟଣ ହୋଇ କେବଳ ବିଜେଡି ଉପରେ ବର୍ଷୁଛନ୍ତି । ଏହାଦ୍ୱାରା ଲୋକଙ୍କର କଣ ସୁବିଧା ହେବ ।

ଓଡ଼ିଶାବାସୀଙ୍କର ଅନେକ ସମସ୍ୟା ରହିଛି । ଯଦି ପ୍ରକୃତରେ ଓଡ଼ିଶା ନାଗରିକ ମଞ୍ଚ, ତାହେଲେ ଆଦିବାସୀଙ୍କ ସମସ୍ୟା ପାଇଁ ଲଢ଼ । ଲୋକେ ଖରାଦିନେ ପାନୀୟ ଜଳ ପାଇଁ ତହଳବିକଳ ହେଉଛନ୍ତି, ରାସ୍ତା ସମସ୍ୟା, ଅନେକ ଗ୍ରାମାଞ୍ଚଳରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି, ଏସବୁ ସମସ୍ୟା ନେଇ ସରକାରଙ୍କୁ ବିରୋଧ କରିବା ପରିବର୍ତ୍ତେ ବିରୋଧୀ ଦଳ ପଛରେ ଲାଗିବା କେତେଦୂର ଯୁକ୍ତିଯୁକ୍ତ । ବାଲଡା, ସିଜିମାଳି ଓ ସେରୁବନ୍ଧରେ ଆଦିବାସୀମାନେ କମ୍ପାନୀ ଆକ୍ରୋଶର ଶିକାର ହେଉଥିବା ବେଳେ ଓଡ଼ିଶା ନାଗରିକ ମଞ୍ଚ ବିରୋଧୀ ଦଳକୁ ଟାର୍ଗେଟ କରୁଛି । ଏଭଳି ପରିସ୍ଥିତିରେ ତୃଣମୂଳସ୍ତରକୁ ଯାଇ ଲୋକଙ୍କ ସମସ୍ୟା ବୁଝି ସେଗୁଡିକର ସମାଧାନ ଦିଗରେ ସରକାରଙ୍କୁ ଅବଗତ କରାଇବା ନିତାନ୍ତ ଜରୁରୀ ହୋଇପଡ଼ିଛି ।

# ନାରୀ ନିର୍ଯାତନା ବିରୁଦ୍ଧରେ ଉପାସନାଙ୍କ ଜିରୋ ଟଲରାନ୍ସ

**ପିନ୍ ବାର୍ତ୍ତା:** ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପିରିଜିପୁର ଗ୍ରାମପଞ୍ଚାୟତର ଗୋରାପୁର ଗ୍ରାମରେ ଜଣେ ଶିଶୁ କନ୍ୟାଙ୍କ ସହିତ ଘଟିଥିବା ଦୁଷ୍କର୍ମ ଘଟଣା ଅତ୍ୟନ୍ତ ଲଜ୍ଜାଜନକ । ଏହି ଘଟଣାରେ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ଜିରୋ ଟଲରାନ୍ସ (ଶୂନ୍ୟ ସହନଶୀଳତା) ନୀତି ଅବଲମ୍ବନ କରିଛନ୍ତି । ଏଭଳି ଜଘନ୍ୟ ଅପରାଧର ଦୃଢ଼ ନିନ୍ଦା କରିବା ସହ ପୀଡ଼ିତା ଓ ତାଙ୍କ ପରିବାର ପ୍ରତି ସମବେଦନା ଦେଖାଇଛନ୍ତି । ମୁଖ୍ୟ କଥା ହେଉଛି ଏହି ଘଟଣାରେ ବିଧାୟିକା ଶ୍ରୀମତୀ ମହାପାତ୍ର ନିଜେ ହସ୍ତକ୍ଷେପ କରିଛନ୍ତି । ନାରୀ ନିର୍ଯାତନା ଓ ନାରୀଙ୍କୁ ଅପମାନ ଆଦୌ ସହ୍ୟ କରାଯିବ ନାହିଁ ବୋଲି ରୋକଠୋକ ଶୁଣାଇ ଦେଇଛନ୍ତି । ଜଣେ ମହିଳା ନେତ୍ରୀ ଭାବରେ ସେ ସବୁବେଳେ ନାରୀମାନଙ୍କ ସହ ଛିଡ଼ା ହୋଇଛନ୍ତି ଓ ଯେବେ ଯେବେ ନାରୀଙ୍କ ପ୍ରତି ଅତ୍ୟାଚାର ହେଉଛି, ସେ ଏହାକୁ ଦୃଢ଼ ହସ୍ତରେ ଦମନ ମଧ୍ୟ କରୁଛନ୍ତି।





ସୂଚନାଯୋଗ୍ୟ, ଏହି ଘଟଣାରେ ସମ୍ପୃକ୍ତ ଯୁବକ ଜଣଙ୍କ ପ୍ରତିଶୋଧ ନେବା ପାଇଁ ଶିଶୁ କନ୍ୟା ସହ ଦୁଷ୍କର୍ମ କରିଥିବା ଜଣାପଡିଛି। ସେ କୌଣସି ଯୌନ ପିପାସୁ ନଥିଲା । ସେ ଯାହା ବି ହେଉ, ପ୍ରତିଶୋଧ ପରାୟଣ ହୋଇ ଏଭଳି ଜଘନ୍ୟ କାଣ୍ଡ କରିବା ଅପରାଧ । ଏହି ଘଟଣା ପରେ ପୀଡ଼ିତାଙ୍କ ପରିବାର ଲୋକେ କୌଣସି କାରଣବଶତଃ ଯଥା; ଭୟ ବା ଲୋକଲଜ୍ଜାରେ ଅଭିଯୁକ୍ତଙ୍କ ବିରୁଦ୍ଧରେ କେଶ କରିବାକୁ ରାଜି ହେଉ ନଥିଲେ । କିଛି ଗାଁ ଲୋକ ମଧ୍ୟ କେଶ କରିବା ସପକ୍ଷରେ ନଥିବା ବେଳେ ଅନ୍ୟ କିଛି ଲୋକ କେଶ କରିବାକୁ କହୁଥିଲେ । ହେଲେ ବିଧାୟିକା ଉପାସନା ମହାପାତ୍ର ବ୍ୟକ୍ତିଗତ ଭାବେ ପୀଡ଼ିତାଙ୍କ ପରିବାର ଲୋକଙ୍କ ସହ ଭେଟି ତାଙ୍କୁ କେଶ ଦାଏର କରିବା ପାଇଁ ବୁଝାସୁଝା କରିଥିଲେ । ସେ କହିଥିଲେ ଏଭଳି ଅପରାଧର ପରିଣାମ କଠୋରରୁ କଠୋରତମ ଦଣ୍ଡ ଛଡା ଆଉ କିଛି ନୁହେଁ । କେଶ ପରେ ଅଭିଯୁକ୍ତ ଜଣଙ୍କ ଚିଲିକାରେ ଲୁଚିଥିବା ବେଳେ ଆସି ଆତ୍ମସମର୍ପଣ କରିଥିଲେ ଓ ତୁରନ୍ତ ତାଙ୍କୁ ଗିରଫ ମଧ୍ୟ କରାଯାଇଥିଲା ।

କେବଳ ଏହି ଘଟଣା ନୁହେଁ, ଗତ କିଛି ମାସ ତଳେ ବାଲିହରଚଣ୍ଡୀ ଗଣଦୁଷ୍କର୍ମ ଘଟଣାରେ ମଧ୍ୟ ବିଧାୟିକାଙ୍କ ସକ୍ରିୟତା ଦେଖିବାକୁ ମିଳିଥିଲା । ସେହି ସମୟରେ ମଧ୍ୟ ପୀଡ଼ିତାଙ୍କ ପରିବାର କେଶ କରିବାକୁ ଭୟ କରୁଥିଲେ । କିନ୍ତୁ ବିଧାୟିକା ନିଜେ ପରିବାର ଲୋକଙ୍କୁ ଭେଟି ସେମାନଙ୍କ ସହ ନିଜେ ଯାଇ କେଶ କରାଇଥିଲେ । ସେ ସବୁବେଳେ କହିଛନ୍ତି ଏଭଳି ଜଘନ୍ୟ ଅପରାଧରେ ଦଣ୍ଡ ସୁନିଶ୍ଚିତ । ଏଥିରେ କ୍ଷମାର କୌଣସି ସ୍ଥାନ ନାହିଁ । ମାମଲା ରୁଜୁ ହେବାର ୨୪ ଘଣ୍ଟା ମଧ୍ୟରେ ଅଭିଯୁକ୍ତ ଗିରଫ ମଧ୍ୟ ହୋଇଥିଲେ।

ଏଭଳି ସମ୍ବେଦନଶୀଳ ଘଟଣାରେ ଜଣେ ମହିଳା ଭାବରେ ବିଧାୟିକାଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ଯୋଗୁଁ ବ୍ରହ୍ମଗିରିବାସୀ ତାଙ୍କୁ ପ୍ରଶଂସା କରୁଛନ୍ତି । ବିଧାୟିକାଙ୍କ ଏଭଳି ତୁରନ୍ତ ପଦକ୍ଷେପ ସ୍ୱାଗତଯୋଗ୍ୟ । ଏମିତି ହେଲେ ଆଗାମୀ ଦିନରେ ଲୋକେ ଏଭଳି ଘୃଣ୍ୟ କାଣ୍ଡ କରିବାକୁ ଭୟ କରିବେ ।



ଏସବୁ ଘଟଣା ରୋକିବା ଯେତିକି କଷ୍ଟ, ଦୋଷୀଙ୍କୁ ତୁରନ୍ତ ଦଣ୍ଡ ଦେବା ଓ ପୀଡ଼ିତାଙ୍କୁ ନ୍ୟାୟ ଦେବା ଆହୁରି କଷ୍ଟ । ଆଗରୁ ମଧ୍ୟ ଚିତ୍ତରଞ୍ଜନ ପଲେଇ ଓ ମାଧବୀ ଲତା କେଶରେ ନ୍ୟାୟ ମଧ୍ୟ ମିଳୁ ନଥିଲା । ଘଟଣା କଣ ଥିଲା କାହାକୁ ଖବର ନାହିଁ କି ଏହି ଘଟଣାରେ ଅଭିଯୁକ୍ତ ମଧ୍ୟ ଗିରଫ ହୋଇନାହାନ୍ତି । ହେଲେ ଏବେ ବିଧାୟିକାଙ୍କ ହସ୍ତକ୍ଷେପ ଯୋଗୁଁ ପୀଡ଼ିତାଙ୍କୁ ନ୍ୟାୟ ତ ମିଳୁଛି ।

ମହିଳା, ଶିଶୁମାନଙ୍କ ସମ୍ମାନ ଓ ଅଧିକାରର ସୁରକ୍ଷା ସହିତ ସେମାନଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ବିଧାୟିକା ସବୁବେଳେ ପ୍ରତିବଦ୍ଧ । ଏକ ସୁରକ୍ଷିତ ଓ ସଚେତନ ସମାଜ ଗଢିବା ପାଇଁ ସେ ଲକ୍ଷ୍ୟ ରଖିଛନ୍ତି । ବ୍ରହ୍ମଗିରିବାସୀଙ୍କ ମୁହଁରୁ ତାଙ୍କ ପାଇଁ ପ୍ରଶଂସା ହିଁ ଶୁଣିବାକୁ ମିଳୁଛି । ସେମାନେ କହୁଛନ୍ତି, ଆମ ଝିଅ ଆମ ପାଇଁ ଲଢୁଛି । ଆମ ଝିଅ, ବୋହୁଙ୍କ ସୁରକ୍ଷା ପାଇଁ ସବୁବେଳେ ଆଗେଇ ଆସୁଛି ।


ପାଣି ଯେତେ ସଫା ହୋଇଥାଉନା କାହିଁକି ଯଦି ପାତ୍ର ସଫା ନଥାଏ ତେବେ ସେ ପାଣିର ମୂଲ୍ୟ କିଛି ରହେନା, ମଣିଷ ଯେତେ ସୁନ୍ଦର ହୋଇଥାଉନା କାହିଁକି ଯଦି ତା'ର ଚରିତ୍ର ଠିକ୍ ନଥାଏ ତେବେ ମଣିଷର ବି କିଛି ମୂଲ୍ୟ ରହେନି।

# ଆଇପିଏଲରେ ଫିକା ପଡ଼ିଲେଣି ହାଇ ପ୍ରୋଫାଇଲ ଖେଳାଳୀ









**ପିନ୍ ବାର୍ତ୍ତା:** ଇଣ୍ଡିଆନ ପ୍ରିମିୟର ଲିଗ ବା ଆଇପିଏଲ ଭାରତୀୟ ଖେଳାଳିଙ୍କ ପାଇଁ ବଡ଼ ସୁଯୋଗ । ଭାରତୀୟ ଯୁବ ଖେଳାଳିଙ୍କ ପାଇଁ ଆରମ୍ଭ ହୋଇଥିବା ଏହି ମାଧ୍ୟମ ବର୍ତ୍ତମାନ ବିଶ୍ୱର ସବୁଠାରୁ ଧନଶାଳୀ କ୍ରିକେଟ ଲିଗ ପାଲଟି ଯାଇଛି । ପଇସାର ପ୍ରାଚୁର୍ଯ୍ୟ ଆଗରେ ଖେଳାଳିଙ୍କ ପ୍ରଦର୍ଶନ ଧୀରେ ଧୀରେ ଗୌଣ ହେବାରେ ଲାଗିଛି । ୨୦୨୬ରେ ଆଇପିଏଲ ବର୍ତ୍ତମାନ ଅଧା ହେବାକୁ ବସିଲାଣି । ବୈଭବ ସୂର୍ଯ୍ୟବଂଶୀ, ଆୟୁଷ ମାହତ୍ରେ, ପ୍ରିୟାଂଶ ଆର୍ଯ୍ୟା, ମୁକୁଲ ଚୌଧୁରୀଙ୍କ ପରି ଖେଳାଳି ବିସ୍ଫୋରକ ପ୍ରଦର୍ଶନ ଜରିଆରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ସେହିପରି ବୋଲରଙ୍କ ମଧ୍ୟରେ ପ୍ରଫୁଲ ହିଙ୍ଗେ, ସାକିବ ହୁସେନଙ୍କ ପରି ବୋଲର ସେନସେସନ ସୃଷ୍ଟି କରିଛନ୍ତି ।

ପଏଣ୍ଟ ଟେବୁଲ ଓ ଖେଳାଳିଙ୍କ ପ୍ରଦର୍ଶନ ଉପରେ ନଜର ପକାଇଲେ ଏହା ସ୍ପଷ୍ଟ କି ଅନେକ ବଡ଼ ଖେଳାଳି ନିଜ ନାମ ଅନୁଯାୟୀ ପ୍ରଦର୍ଶନ କରି ପାରିନାହାନ୍ତି । ରୋହିତ ଶର୍ମା, ଯଶପ୍ରୀତ ବୁମରା, ହାର୍ଦ୍ଦିକ ପାଣ୍ଡ୍ୟା, ନୀତିଶ କୁମାର ରେଡ୍ଡୀ, ରଶିଦ ଖାନ, ସୁନୀଲ ନାରିନ ଓ ରାହୁଲ ତେୱାତିଆଙ୍କ ପରି ବଡ ନାମ ଏହି ତାଲିକାରେ ସବୁଠୁ ଆଗରେ ରହିବ ।

**ରୋହିତ ଶର୍ମା:** ଚଳିତ ଆଇପିଏଲ ସିଜନରେ ରୋହିତ ଶର୍ମାଙ୍କ ପ୍ରଦର୍ଶନ ଅତ୍ୟନ୍ତ ସାଧାରଣ ରହିଥିଲା, ଯାହା ମୁମ୍ବାଇ ଇଣ୍ଡିଆନ୍ସର ପ୍ରଦର୍ଶନରେ ମଧ୍ୟ ନଜର ଆସିଥିଲା । ୧୬ କୋଟି ଟଙ୍କାରେ ତାଙ୍କୁ ମୁମ୍ବାଇ ରିଟେନ କରିଥିଲା । ମାତ୍ର ୪ ମ୍ୟାଚରେ ୩୫ ବର୍ଷୀୟ ରୋହିତଙ୍କ ଫିଟନେସ ସମସ୍ୟା ଦେଖା ଦେଇଥିଲା । ହାମଷ୍ଟ୍ରିଙ୍ଗ ଟାଣି ହେବା କାରଣରୁ ତାଙ୍କୁ ବାହାରେ ବସିବାକୁ ପଡିଛି । ରୋହିତ ୪ ମ୍ୟାଚରୁ ୧୩୭ ରନ କରିଥିଲେ । ଏହା ମଧ୍ୟରେ ୭୮ ତାଙ୍କର ସର୍ବାଧିକ ସ୍କୋର ରହିଥିଲା ।

**ଯଶପ୍ରୀତ ବୁମରା:** ବୋଲିଂରେ ଭାରତର ସୁପରଷ୍ଟାର ରହିଥିବା ବୁମରାଙ୍କୁ ୧୮ କୋଟି ଟଙ୍କାରେ ରିଟେନ କରିଥିଲା ମୁମ୍ବାଇ । ଦଳର ପ୍ରଦର୍ଶନ ଖରାପ ରହିଥିବା ବେଳେ ଘା’ ଉପରେ ଲୁଣ ଭଳି ରହିଥିଲା ବୁମରାଙ୍କ ପ୍ରଦର୍ଶନ । ଲଗାତାର ୫ ମ୍ୟାଚରେ ବୁମରାଙ୍କୁ ମିଳି ନ ଥିଲା ୱିକେଟ । ତେବେ ଟୁର୍ନାମେଣ୍ଟର ଦ୍ୱିତୀୟ ପର୍ଯ୍ୟାୟରେ ବୁମରାଙ୍କ ଠାରୁ କମବ୍ୟାକ ଆଶା କରାଯାଇପାରେ ।

**ହାର୍ଦ୍ଦିକ ପାଣ୍ଡ୍ୟା:** ମୁମ୍ବାଇ ଇଣ୍ଡିଆନ୍ସ ସେଟଅପର ଆଉ ଜଣେ ଖେଳାଳି ନିଜ ପ୍ରାଇସ ଟ୍ୟାଗ ଅନୁଯାୟୀ ପ୍ରଦର୍ଶନ କରି ପାରି ନାହାନ୍ତି । ଦଳର ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ପ୍ରଦର୍ଶନ ଉଭୟ ବ୍ୟାଟ ଓ ବଲ ଜରିଆରେ ସାଧାରଣ ରହିଛି । ୬ ମ୍ୟାଚରୁ ହାର୍ଦ୍ଦିକ ମାତ୍ର ୩ ୱିକେଟ ନେଇଥିବା ବେଳେ ସ୍କୋର କରିଛନ୍ତି ୯୬ ରନ । ବୋଲିଂରେ ତାଙ୍କର ଆଭରେଜ ୫୦ ପାଖାପାଖି ରହିଛି ଯାହା ଅତ୍ୟନ୍ତ ନିରାଶାଜନକ । ସେହିପରି ବ୍ୟାଟିଂରେ ମଧ୍ୟ ସେ ମାତ୍ର ୯୬ ରନ କରିଛନ୍ତି । ତାଙ୍କର ଷ୍ଟ୍ରାଇକ ରେଟ ୧୪୩ ରହିବା ସମସ୍ତଙ୍କୁ ନିରାଶ କରିଛି ।

**ନୀତିଶ କୁମାର ରେଡ୍ଡୀ:** ନୀତିଶ କୁମାର ରେଡ୍ଡୀ ଆଇପିଏଲ ପ୍ରଦର୍ଶନ ଜରିଆରେ ହିଁ ଜାତୀୟ ଦଳକୁ ଡାକରା ପାଇଥିଲେ । ତେବେ ଚଳିତ ସିଜନରେ ତାଙ୍କର ପ୍ରଦର୍ଶନ ସାଧାରଣ ରହିଛି । ନୀତିଶ ୭ ମ୍ୟାଚ ଖେଳି ମାତ୍ର ୧୩୬ ରନ ସ୍କୋର କରିଥିବା ବେଳେ ନେଇଛନ୍ତି ୪ ୱିକେଟ । ବ୍ୟାଟିଂରେ ତାଙ୍କର ଷ୍ଟ୍ରାଇକ ରେଟ ୧୬୦ ରହିଛି । ଅନ୍ୟ ପକ୍ଷରେ ବୋଲିଂରେ ତାଙ୍କର ଆଭରେଜ ୪୪ ରହିଛି ଆଉ ମାତ୍ର ୪ ୱିକେଟ ନେବାରେ ସେ ସଫଳ ହୋଇଛନ୍ତି ।

**ସୁନୀଲ ନାରିନ:** ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇ ସାରିଥିବା ସୁନୀଲ ନାରିନଙ୍କୁ ୧୨ କୋଟି ଟଙ୍କାରେ ରିଟେନ କରିଥିଲା କୋଲକାତା ନାଇଟ ରାଇଡର୍ସ । ଗତ ଦୁଇ ସିଜନରେ କୋଲକାତାର ବିସ୍ଫୋରକ ଓପନର ରହିଥିବା ନାରିନ କିନ୍ତୁ ଚଳିତ ସିଜନରେ ବିଫଳ ହୋଇଛନ୍ତି । ତାଙ୍କୁ ବ୍ୟାଟିଂ ଅର୍ଡରରେ ତଳୁଆ ପଠାଇଥିଲା ମ୍ୟାନେଜମେଣ୍ଟ । ଫଳରେ ତାଙ୍କର ବ୍ୟାଟିଂ ପ୍ରଦର୍ଶନ ଖରାପ ରହିଥିଲା । ୬ ମ୍ୟାଚରୁ ୧୨ ଆଭରେଜରେ ସେ ମାତ୍ର ୩୬ ରନ କରିଛନ୍ତି । ସେହିପରି ବୋଲିଂରେ ତାଙ୍କର ଇକୋନୋମୀ ୬.୮୩ ରହିଛି ତେବେ ସେ ମାତ୍ର ୬ ୱିକେଟ ନେବାରେ ସଫଳ ହୋଇଛନ୍ତି ।

**ରଶିଦ ଖାନ:** ଗୁଜରାଟ ଟାଇଟନ୍ସରେ ଶୁବମନ ଗିଲଙ୍କ ଡେପୁଟି ରହିଛନ୍ତି ରଶିଦ । ମାତ୍ର ଚଳିତ ସିଜନରେ ତାଙ୍କର ପ୍ରଦର୍ଶନ ସାଧାରଣ ରହଛି । ବୋଲିଂ ଅଲରାଉଣ୍ଡର ଥିବା ରଶିଦ ୬ ମ୍ୟାଚରୁ ମାତ୍ର ୨୮ ରନ କରିଥିବା ବେଳେ ବୋଲିଂରେ ନେଇଛନ୍ତି ୬ ୱିକେଟ ।

**ରାହୁଲ ତେୱାତିଆ:** ଗୁଜରାଟ ଟାଇଟନ୍ସର ଅଲରାଉଣ୍ଡର ରାହୁଲ ତେୱାତିଆଙ୍କୁ ବୋଲିଂ ମିଳୁ ନ ଥିବା ବେଳେ ଫିନିଶର ରୋଲରେ ସେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ୬ ମ୍ୟାଚରେ ୧୨ର ସର୍ବାଧିକ ସ୍କୋର ସହିତ ସେ କରିଛନ୍ତି ମାତ୍ର ୪୯ରନ୍ ।




## ନିର୍ଜୀବ ସ୍ଥିତିରେ ଆଥଲେଟିକ୍ସ




**ପିନ୍ ବାର୍ତ୍ତା:** ନିକଟରେ ବୋସ୍ୱାନାରେ ହେବାକୁ ଥିବା ବିଶ୍ୱ ରିଲେ ରେସ ଚାମ୍ପିୟନଶିପ ପାଇଁ ଭାରତୀୟ ଦଳ ଘୋଷଣା କରାଯାଇଥିଲା । ଏହି ଦଳରେ ଓଡ଼ିଶାରୁ ୨ ଜଣ ଆଥଲେଟ ସ୍ଥାନ ପାଇଥିଲେ । ଓଡ଼ିଶାର ପ୍ରତିନିଧିତ୍ୱ କରୁଥିବା ଅନିମେଶ କୁଜୁର ଓ ଓଡ଼ିଆ ଝିଅ ତଥା ଅଲିମ୍ପିଆନ ଶ୍ରାବଣୀ ନନ୍ଦଙ୍କୁ ଏହି ଦଳରେ ସ୍ଥାନ ମିଳିଛି । ଓଡ଼ିଶା ଆଥଲେଟିକ୍ସ ପାଇଁ ଏହା ସମାନ ସମୟରେ ଗର୍ବ ଓ ଲଜ୍ଜାର ବିଷୟ ପାଲଟିଛି ।

ଏକଦା ଓଡ଼ିଶାର ମହିଳା ଆଥଲେଟଙ୍କ ରୁଦ୍ଧିମନ୍ତ ଇତିହାସ ରହିଥିଲା । ରଚିତା ପଣ୍ଡା(ମିସ୍ତ୍ରୀ), ଅନୁରାଧା ବିଶ୍ୱାଳ, ପାର୍ବତୀ ସେଠୀଙ୍କ ପରି ଖେଳାଳି ରାଜ୍ୟ ପାଇଁ ଜାତୀୟ ସ୍ତରରେ ଅନେକ ରେକର୍ଡ କରିଥିଲେ । ପରବର୍ତ୍ତୀ ସମୟରେ ଏହି ଧାରାକୁ ଆଗକୁ ବଢାଇବାରେ ସାହାଯ୍ୟ କରିଥିଲେ ଦୂତୀ ଚାନ୍ଦ, ଶ୍ରାବଣୀ ନନ୍ଦ ଓ ଜଉନା ମୁର୍ମୁ । ଦୂତୀ ଓ ଶ୍ରାବଣୀ ଅଲିମ୍ପିକ୍ସରେ ଭାରତର ପ୍ରତିନିଧିତ୍ୱ ମଧ୍ୟ କରିଥିଲେ । ତେବେ ବିଗତ ୧୦ ବର୍ଷ ମଧ୍ୟରେ ଓଡ଼ିଶା ଆଥଲେଟିକ୍ସରେ ନୂଆ ପ୍ରତିଭା ଆଗକୁ ଆସୁ ନାହାନ୍ତି ।

ଯଦିଓ ଜୁନିୟର ସର୍କିଟରେ ସବିତା ଟପ୍ପୋ ଓ ସିନିୟର ସ୍ତରରେ ପ୍ରଜ୍ଞା ପ୍ରିୟଦର୍ଶୀନି ସାହୁ ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି, ଏହାର ପ୍ରଚ୍ଛଦପଟରେ ରହିଛି କିଟର ପ୍ରଚ୍ଛନ୍ନ ଭୂମିକା । ସାଧାରଣତଃ ଆଥଲେଟ ମାନଙ୍କ ପାଇଁ ୨୫-୨୮ ସେମାନଙ୍କ କ୍ୟାରିୟରର ଉଲ୍ଲେଖନୀୟ ସମୟ ରହିଥାଏ । ୩୦ ପରେ ଆଥଲେଟ ମାନେ ଅବସର ଗ୍ରହଣ କରିଥାନ୍ତି । ମାତ୍ର ଶ୍ରାବଣୀ ୩୪ ବର୍ଷ ବୟସରେ ମଧ୍ୟ ନିଜଠାରୁ କମ ବୟସର ଆଥଲେଟମାନଙ୍କ ସହ ଦୌଡୁଛନ୍ତି ।

ଆଥଲେଟ ମରୁଡିର ପ୍ରମୁଖ କାରଣ ମଧ୍ୟରୁ ଗୋଟିଏ ହେଉଛି ଉପଯୁକ୍ତ ଭିତ୍ତିଭୂମିର ଅଭାବ । ସାଧାରଣତଃ ରାଜ୍ୟର ସମସ୍ତ ପ୍ରମୁଖ କ୍ରୀଡା ଭିତ୍ତିଭୂମି କଟକ ଓ ଭୁବନେଶ୍ୱରରେ ରହିଥାଏ । ମାତ୍ର ଏହି ଦୁଇ ସ୍ଥାନରୁ କମ ଆଥଲେଟ ବାହାରି ଥାଆନ୍ତି । ଅନ୍ୟ ପକ୍ଷରେ ଯେଉଁ ଜିଲ୍ଲା ଗୁଡିକରୁ ଅଧିକ ଆଥଲେଟ ବାହାରି ଥାଆନ୍ତି, ସେଭଳି ସ୍ଥାନରେ ଆବଶ୍ୟକ ସୁବିଧା ନାହିଁ । ସେହିପରି ଆଉ ଏକ କାରଣ ହେଉଛି ଅନ୍ୟ ରାଜ୍ୟର ଆଥଲେଟଙ୍କୁ ଚାକିରି ପ୍ରଲୋଭନ ଦେଇ ଆଣିବା । ଏହା ଦ୍ୱାରା ରାଜ୍ୟ ମେଡାଲ ତାଲିକାରେ ଅଗ୍ରଣୀ ସ୍ଥାନରେ ରହୁଛି ସତ ମାତ୍ର ଏହା ବ୍ୟବସ୍ଥାକ ଫେଲ କରୁଛି । ରାଜ୍ୟରେ ଆଥଲେଟିକ୍ସ ମରୁଡିର ନଗ୍ନ ଚିତ୍ର ଓ ବ୍ୟବସ୍ଥାର ଅପାରଗତା ସାମ୍ନାକୁ ଆସିଛି ।




Printed/Published and Owned by Sagarika Satpathy, Printed at Mayur Offset Printers D 1/1, Sector-A, Zone-D, Mancheswar Industrial Estate Bhubaneswar, Odisha. 751010, Published from Duplex No. 63, Metro Satellite City, Hanspal, Bhubaneswar, Odisha. 752101. Ph. : 0674-2583140
*Editor : Sagar Kumar Satapathy* *Editorial Consultant : Samar Pradhan* *Executive Editor - Biswwaraj Nayak*